୧୫ ନଭେମ୍ବର ୨୦୨୬ ରବିବାର

ସପ୍ତାହ ଶେଷ



ପ୍ରଶ୍ୱାସରେ ବିଷ



ସରିଛି ଦୀପାବଳି, ଆନନ୍ଦ ଉଲ୍ଲାସର ପର୍ବ । ହେଲେ ଦୀପାବଳିର ବାଣ ପୁଣି ଚିନ୍ତା ବଢାଇଛି । ବର୍ତ୍ତମାନ ସାରା ଦେଶରେ ବାୟୁ ପ୍ରଦୁଷଣ ଚିନ୍ତାର କାରଣ ପାଲଟିଛି, ଯାହାକୁ ନେଇ ତର୍କ ବିତର୍କ ଆରମ୍ଭ ହୋଇଛି ।

ଦୀପାବଳିରେ ଅନେକ ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧି ପାଇଥିବାର ଖବର ସାମନାକୁ ଆସୁଛି । ଏଥିରେ ଦେଶର ଅନେକ ସହର ସାମିଲ ଅଛନ୍ତି । ଆମ ରାଜ୍ୟ ଭୁବନେଶ୍ୱର ଠାରୁ ଆରମ୍ଭ କରି ଦେଶର ରାଜଧାନୀ ଦିଲ୍ଲୀ, ସମସ୍ତ ସହରରେ ବାୟୁର ଏକ୍ୟୁଆଇ ମାନ ବଢିବାରେ ଲାଗିଛି । ସୂଚନା ଅନୁସାରେ ନୈନିତାଲର ବାୟୁ ଗୁଣବତ୍ତା ସୂଚକାଙ୍କ ବା ଏକ୍ୟୁଆଇ ସୋମବାର ୮୫ ରେକର୍ଡ କରାଯାଇଛି । ଯାହା ଭାରତୀୟ ମାନକ ଅନୁଯାୟୀ ସନ୍ତୋଷଜନକ ଶ୍ରେଣୀରେ ରହିଛି ଏବଂ ଏଠାରେ ପିଏମ ୨.୫ର ମାତ୍ରା ପ୍ରାୟ ୨୦ ରହିଛି । ହେଲେ ସୂଚନା ଅନୁଯାୟୀ, ଦିଲ୍ଲୀ-ଏନସିଆର ସମେତ ଉତ୍ତର ଭାରତର ଅନେକ ସହରରେ ଏକ୍ୟୁଆଇ ୩୦୦ ପାର୍ କରିସାରିଛି ଏବଂ କେତେକ ଅଞ୍ଚଳରେ ଏହା ୩୬୮ ରେକର୍ଡ ହୋଇଛି, ଯାହା ଅତ୍ୟନ୍ତ ଖରାପ ଶ୍ରେଣୀ ଅନ୍ତର୍ଭୁକ୍ତ । ତେବେ, ନୈନିତାଲରେ ପବନର ଗତି ତୀବ୍ର ଥିବାରୁ ପ୍ରଦୂଷଣ ସେଠାରେ ତିଷ୍ଠି ପାରି ନଥିଲା ଏବଂ ପବନରେ ଉଡ଼ିଯାଇଥିଲା । ଏଭଳି ଖରାପ ଅବସ୍ଥା ଦୀପାବଳି ପରେ ଅନେକ ସ୍ଥାନରେ ଦେଖିବାକୁ ମିଳିଛି । ଯାହାକୁ ପରିବେଶବିଦ ଚିନ୍ତାର ପ୍ରକଟ କରିଛନ୍ତି । ଦିଲ୍ଲୀ ଓ ଏହାର ଆଖପାଖ ଉପଗ୍ରହ ସହରଗୁଡ଼ିକରେ ବର୍ଷସାରା ବିଶ୍ୱର ସବୁଠାରୁ ଅଧିକ ପ୍ରଦୂଷଣ ସ୍ତର ରେକର୍ଡ କରାଯାଇଥାଏ । ମାତ୍ର ଶୀତର ଆଗମନ ସହ ଏଠାକାର ବାୟୁ ପ୍ରଦୂଷଣର ମାତ୍ରା ଖୁବ ଅଧିକ ବଢିବାକୁ ଲାଗିଥାଏ । କମୁଥିବା ତାପମାତ୍ରା ଏବଂ ପବନ ଯୋଗୁଁ ପ୍ରଦୂଷକଗୁଡ଼ିକ ଉପରକୁ ନଯାଇ ଭୂପୃଷ୍ଠ ନିକଟରେ ହିଁ ଜମା ହୋଇ ରହିଯାଆନ୍ତି । ପଡ଼ୋଶୀ ରାଜ୍ୟଗୁଡ଼ିକରେ ନଡ଼ା ପୋଡ଼ିବା ଦ୍ୱାରା ନିର୍ଗତ ଧୂଆଁ ସାଙ୍ଗକୁ ଯାନବାହାନ, କାରଖାନାଗୁଡ଼ିକର ନିର୍ଗମନ ଏବଂ ନିର୍ମାଣ ସ୍ଥଳର ଧୂଳି ସ୍ଥିତିକୁ ଆହୁରି ଜଟିଳ କରିଦିଏ । ଏହାସହ ପାର୍ବଣ ସମୟରେ ଫୁଟାଯାଉଥିବା ବାଣ ବାୟୁ ଗୁଣବତ୍ତାକୁ ଆହୁରି ବିଗାଡ଼ିଦିଏ । ଫଳସ୍ୱରୂପ ବିଷାକ୍ତ ଧୂଆଁମୟ ବାୟୁ ସହ ସେହି ଗୋଟିଏ ପ୍ରଶ୍ନ ପୁନର୍ବାର ଉଠେ : ପ୍ରତିବର୍ଷ ପ୍ରଦୂଷଣ କାହିଁକି ଫେରିଆସେ ଏବଂ ଏହାର ସ୍ଥାୟୀ ସମାଧାନ ପାଇଁ କାହିଁକି ଦୃଢ଼ ପଦକ୍ଷେପ ନିଆଯାଉନାହିଁ? ଚଳିତ ବର୍ଷ ଦିଲ୍ଲୀ ସରକାର ମାସେ ଆଗରୁ ନିଜର 'ଶୀତକାଳୀନ କାର୍ଯ୍ୟାନୁଷ୍ଠାନ ଯୋଜନା' ବା ୱିଣ୍ଟର ଆକ୍ସନ





ପ୍ଲାନ ଘୋଷଣା କରିଥିଲେ। ଏହି ଯୋଜନା ନଭେମ୍ବର ୧ ରୁ ଫେବୃଆରୀ ୨୮ ପର୍ଯ୍ୟନ୍ତ ବଳବତ୍ତର ରହିବ, ଯେଉଁ ସମୟରେ ସାଧାରଣତଃ ପ୍ରଦୂଷଣ ସର୍ବାଧିକ ବୃଦ୍ଧି ପାଇଥାଏ । ପୂର୍ବ ବର୍ଷଗୁଡ଼ିକରେ ବାୟୁ ଗୁଣବତ୍ତା ଅସମ୍ଭାଳ ହେବା ପରେ ହିଁ ପଦକ୍ଷେପ ନିଆଯାଉଥିବାରୁ, ବିଶେଷଜ୍ଞମାନେ ଏହି ପୂର୍ବପ୍ରସ୍ତୁତିକୁ ଏକ ସଠିକ ଦିଗରେ ନିଆଯାଇଥିବା ପଦକ୍ଷେପ ବୋଲି ମତ ଦେଇଥିଲେ । ହେଲେ ଦୀପାବଳି ପରର ଅବସ୍ଥା ଦେଖିଲେ ଏହା ଫେଲ ମାରିଚି ବୋଲି ଚର୍ଚ୍ଚା ହେବାରେ ଲାଗିଛି । ଏହି ଯୋଜନା ଲାଗୁ ହେବାର ମାତ୍ର କିଛି ଦିନ ମଧ୍ୟରେ ସହରଟି ପୁନର୍ବାର ସେହି ପୁରୁଣା, ନିରାଶାଜନକ ସ୍ଥିତି ଆଡ଼କୁ ଗତି କରୁଛି । କିଛି ସପ୍ତାହରେ ଦିଲ୍ଲୀ ଉପରେ ଏକ ଧୂସର ରଙ୍ଗର ଝାପସା ଆସ୍ତରଣ ଜମି ରହିବା ସହ ଏକ ବିଶିଷ୍ଟ ଧୂଆଁଳିଆ ଗନ୍ଧ ବାରିହେଉଛି । ଲୋକମାନେ ଆଖି ପୋଡ଼ାପୋଡ଼ି ହେବା, ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ଏବଂ ସବୁଠି କାଶ ଓ ଛିଙ୍କ ଶୁଣାଯାଉଥିବା ଅଭିଯୋଗ କରୁଛନ୍ତି । ଯେଉଁମାନେ ଆର୍ଥିକ ଦୃଷ୍ଟିରୁ ସକ୍ଷମ, ସେମାନଙ୍କ ପାଇଁ ଏୟାର ପ୍ୟୁରିଫାୟର ଘରୋଇ ଆବଶ୍ୟକତା ପାଲଟିଛି । ଘରୁ ବାହାରକୁ ବାହାରୁଥିବା ଲୋକମାନେ ମାସ୍କ ପିନ୍ଧି କିମ୍ବା ମୁହଁରେ କପଡ଼ା ବାନ୍ଧି ପ୍ରଦୂଷଣର ଭୟଙ୍କର ପ୍ରଭାବରୁ ରକ୍ଷା ପାଇବାକୁ ଚେଷ୍ଟା କରୁଛନ୍ତି । ବାୟୁମଣ୍ଡଳର ଧୂଳିକୁ ବସାଇବା ପାଇଁ ସହରରେ ଆଣ୍ଟି-ସ୍ମୋଗ ଗନ୍ ମାଧ୍ୟମରେ ପାଣି ସିଞ୍ଚନ କରାଯାଉଛି , ଯାହା ବର୍ତ୍ତମାନ ଚିନ୍ତାର କାରଣ ପାଲଟିଛି ।

ଶୀତକାଳୀନ କାର୍ଯ୍ୟାନୁଷ୍ଠାନ ଯୋଜନା

ସରକାରଙ୍କ ପକ୍ଷରୁ ଲାଗୁହୋଇଥିବା ଶୀତକାଳୀନ କାର୍ଯ୍ୟାନୁଷ୍ଠାନ ଯୋଜନା ଅଧୀନରେ ଦିଲ୍ଲୀ ବାହାରେ ପଞ୍ଜୀକୃତ ହୋଇଥିବା ପୁରୁଣା ତଥା ଅଧିକ ପ୍ରଦୂଷଣକାରୀ ଯାନଗୁଡ଼ିକର ପ୍ରବେଶ ଉପରେ କଟକଣା ଲଗାଯାଇଛି । ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନଥିବା ଯାନବାହାନକୁ ଇନ୍ଧନ ଯୋଗାଇବାକୁ ମନା କରାଯାଇଛି । ଧୂଳି ସୃଷ୍ଟି କରୁଥିବା ନିର୍ମାଣ ଓ ଭଙ୍ଗାରୁଜା କାର୍ଯ୍ୟକୁ ଅସ୍ଥାୟୀ ଭାବେ ବନ୍ଦ ରଖାଯାଇଛି । ବ୍ୟକ୍ତିଗତ ଯାନବାହାନ ବ୍ୟବହାରକୁ ହ୍ରାସ କରିବା ପାଇଁ ସରକାର ଘରୋଇ ସଂସ୍ଥାଗୁଡ଼ିକୁ ସେମାନଙ୍କର ୫୦ ପ୍ରତିଶତ କର୍ମଚାରୀଙ୍କୁ ଘରୁ କାମ ବା ୱର୍କ ଫ୍ରମ ହୋମ୍ କରିବାକୁ ଅନୁମତି ଦେବାକୁ ପରାମର୍ଶ ଦେଇଛନ୍ତି । ନିଜ କର୍ମଚାରୀଙ୍କ ପାଇଁ ଭିନ୍ନ ଭିନ୍ନ କାର୍ଯ୍ୟାଳୟ ସମୟସୀମା ଲାଗୁ କରିଛନ୍ତି ଏବଂ ପାର୍କିଂ ଶୁଳ୍କକୁ ଦୁଇଗୁଣିତ କରିଛନ୍ତି। ଏହାସହ ପ୍ରଦୂଷଣ ଅନୁଧ୍ୟାନ ଓ ନିୟମ କଡ଼ାକଡ଼ି ପାଳନ ସହ ସାର୍ବଜନୀନ ପରିବହନ ଓ ବୈଦ୍ୟୁତିକ ଯାନ ବା ଇଭିର ବ୍ୟବହାରକୁ ପ୍ରୋତ୍ସାହିତ କରାଯିବ ବୋଲି ସରକାର କହିଛନ୍ତି । ଏହି ପଦକ୍ଷେପଗୁଡ଼ିକ କେନ୍ଦ୍ରୀୟ ବାୟୁ ଗୁଣବତ୍ତା ପ୍ରବନ୍ଧନ ଆୟୋଗ ଦ୍ୱାରା ପରିଚାଳିତ 'ଗ୍ରେଡେଡ୍ ରେସପନ୍ସ ଆକ୍ସନ୍ ପ୍ଲାନ୍' ଠାରୁ ପୃଥକ୍ । 'ଗ୍ରାପ୍' ପ୍ରଦୂଷଣ ସ୍ତର ବୃଦ୍ଧି ଅନୁଯାୟୀ ପର୍ଯ୍ୟାୟକ୍ରମେ କଡ଼ା କଟକଣା ଲାଗୁ କରିଥାଏ। ବର୍ତ୍ତମାନସୁଦ୍ଧା ଏହାର ଦ୍ୱିତୀୟ ପର୍ଯ୍ୟାୟ ବଳବତ୍ତର ରହିଛି, ଯାହା ଅଧୀନରେ ଡିଜେଲ ଜେନେରେଟର ବ୍ୟବହାର ଏବଂ କୋଇଲା ଓ ଜାଳେଣି କାଠ ପୋଡ଼ିବା ଉପରେ କଟକଣା ଲଗାଯାଇଛି । ବିଶେଷଜ୍ଞଙ୍କ ମତରେ, କାଗଜପତ୍ରରେ ଏହି ଯୋଜନାଗୁଡ଼ିକ ବୃଦ୍ଧି ପାଉଥିବା ପ୍ରଦୂଷଣର ମୁକାବିଲା ପାଇଁ ଏକ ସ୍ପଷ୍ଟ ମାର୍ଗଦର୍ଶିକା ପ୍ରଦାନ କରୁଥିଲେ ବି, ଏହାର ସଫଳତା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରିତା ଉପରେ ନିର୍ଭର କରେ। ତେଣୁ ଏହାର କାର୍ଯ୍ୟକାରିତାକୁ ଖୁବ ଗୁରୁତ୍ୱପୂର୍ଣ୍ଣ ସହକାରେ କରିବାକୁ ହେବ ବୋଲି ବିଶେଷଜ୍ଞ ମତ ଦେଉଛନ୍ତି।





ସେହିଭଳି ଯଦି ପ୍ରଦୂଷଣ କମାଇବାର ଅଛି, ତେବେ କେବଳ ଯାନବାହାନ ପ୍ରବେଶ, ନିର୍ମାଣ କାର୍ଯ୍ୟ କିମ୍ବା ନଡ଼ା ପୋଡ଼ିବା ନୁହେଁ, ବରଂ ବିଦ୍ୟୁତ୍ ଉତ୍ପାଦନ, ଶିଳ୍ପ ଏବଂ ପରିବହନ ସମେତ ପ୍ରତ୍ୟେକ କ୍ଷେତ୍ର ପାଇଁ ସ୍ୱତନ୍ତ୍ର ଲକ୍ଷ୍ୟ ଧାର୍ଯ୍ୟ କରିବାକୁ ହେବବୋଲି ସେମାନେ ମତ ଦେଉଛନ୍ତି । କେଉଁ କ୍ଷେତ୍ର ଏବଂ କେଉଁ ରାଜ୍ୟ କେତେ ପ୍ରଦୂଷଣ କରୁଛନ୍ତି ତାହାକୁ ଅନୁଧ୍ୟାନ କରି ସେହି ଅନୁଯାୟୀ ପଦକ୍ଷେପ ନେବାକୁ ପଡିବ । କେବଳ ଜୈବବସ୍ତୁ ପୋଡ଼ିବା କିମ୍ବା ଯାନବାହାନ ଯୋଗୁଁ ପ୍ରଦୂଷଣ ହୁଏନାହିଁ। ଭୂମିରୁ ଉଡୁଥିବା ଧୂଳି, କୋଇଲା, ଫ୍ଲାଇ ଆଶ୍, ଇଟାଭାଟିରେ ପୋଡ଼ାଯାଉଥିବା ସାମଗ୍ରୀ ଏବଂ ସହରାଞ୍ଚଳର ବର୍ଜ୍ୟବସ୍ତୁକୁ ବ୍ୟାପକ ଭାବେ ପୋଡ଼ିବା ମଧ୍ୟ ଏହି ସମସ୍ୟାର ପ୍ରମୁଖ କାରଣ । ତେଣୁ ଏ ସମସ୍ତ ଦିଗରେ କାର୍ଯ୍ୟକରିବାକୁ ହେବ ବୋଲି ପରିବେଶବିଦ ପରାମର୍ଶ ଦେଉଛନ୍ତି। ଦିଲ୍ଲୀର ପ୍ରଦୂଷଣ ସମସ୍ୟା ସହର ବାହାରେ ଘଟୁଥିବା ଘଟଣାବଳୀ ଦ୍ୱାରା ମଧ୍ୟ ପ୍ରଭାବିତ ହୋଇଥାଏ। ପଡ଼ୋଶୀ ରାଜ୍ୟ ଏବଂ ଉତ୍ତର ଭାରତର ଅନ୍ୟାନ୍ୟ ଅଞ୍ଚଳରୁ ପ୍ରଦୂଷକଗୁଡ଼ିକ ଦିଲ୍ଲୀକୁ ଆସି ସ୍ଥିତିକୁ ଅଧିକ ସଙ୍ଗୀନ କରିଦିଅନ୍ତି। ଏହାର ଅର୍ଥ ହେଉଛି କେବଳ ଦିଲ୍ଲୀ ଦ୍ୱାରା ନିଆଯାଉଥିବା ପଦକ୍ଷେପର ସୀମିତ ପ୍ରଭାବ ରହିବ । ଏହି ସମସ୍ୟାର ସମାଧାନ ପାଇଁ ପଡ଼ୋଶୀ ରାଜ୍ୟ ଏବଂ ସମ୍ପୂର୍ଣ୍ଣ ଉତ୍ତର ଭାରତୀୟ ଅଞ୍ଚଳକୁ ଏକାଠି ମିଶି କାମ କରିବାକୁ ହେବ ବୋଲି ମତ ପ୍ରକାଶ ପାଇଛି ।

ଘଟିଥାଏ ସ୍ୱାସ୍ଥ୍ୟ ହାନି

ଏହି ସମୟ ମଧ୍ୟରେ ପ୍ରଦୂଷଣ ଦୈନନ୍ଦିନ ଲୋକଙ୍କ ସ୍ୱାସ୍ଥ୍ୟହାନି ଘଟାଉଛି। ଶୀତଦିନେ ଦିଲ୍ଲୀର ସରକାରୀ ମନିଟରିଂ ଷ୍ଟେସନଗୁଡ଼ିକରେ ବାୟୁ ଗୁଣବତ୍ତା ସୂଚକାଙ୍କ ବା ଏକ୍ୟୁଆଇ ପ୍ରାୟତଃ ୩୦୦ ରୁ ଅଧିକ ରେକର୍ଡ କରାଯାଇଥାଏ, ଯାହା 'ଅତ୍ୟନ୍ତ ଖରାପ' ଶ୍ରେଣୀଭୁକ୍ତ। ଅତି ଭୟଙ୍କର ଦିନଗୁଡ଼ିକରେ ଏହି ସୂଚକାଙ୍କ ୫୦୦ରେ ପହଞ୍ଚିଯାଏ, ଯାହା ଭାରତୀୟ ମାପଦଣ୍ଡର ସର୍ବୋଚ୍ଚ ସୀମା। ଏହାର ଅର୍ଥ ପ୍ରଦୂଷଣ ଏହାଠାରୁ ଅଧିକ ବଢ଼ିପାରିବ ନାହିଁ ତାହା ନୁହେଁ, ବରଂ ଦେଶୀୟ ଟ୍ରାକରଗୁଡ଼ିକ ଏହାଠାରୁ ଅଧିକ ରେକର୍ଡ କରିପାରନ୍ତି ନାହିଁ। ସୁଇଜରଲ୍ୟାଣ୍ଡ ଭିତ୍ତିକ ଆଇକ୍ୟୁଏଆଇ ଭଳି ଆନ୍ତର୍ଜାତୀୟ ଟ୍ରାକରଗୁଡ଼ିକ କେତେକ ଦିନରେ ଏହି ସୂଚକାଙ୍କ ୧,୦୦୦ ପାଖାପାଖି ଥିବା ରେକର୍ଡ କରିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୁପାରିଶ ଅନୁଯାୟୀ, ୨୪ ଘଣ୍ଟା ମଧ୍ୟରେ ହାରାହାରି ପିଏମ୨.୫ସ୍ତର ପ୍ରତି ଘନ ମିଟରରେ ୧୫ ମାଇକ୍ରୋଗ୍ରାମରୁ ଅଧିକ ହେବା ଉଚିତ ନୁହେଁ। ମାତ୍ର ଦିଲ୍ଲୀରେ ପ୍ରଦୂଷଣ ରହୁରେ ଏହି ସ୍ତର ପ୍ରାୟତଃ ଧାର୍ଯ୍ୟ ସୀମାଠାରୁ ୨୫ ଗୁଣରୁ ଅଧିକ ରହିଥାଏ। ସ୍ୱସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ଅତି ସୂକ୍ଷ୍ମ କଣିକାଗୁଡ଼ିକ ''ଫୁସଫୁସ୍ ର ଗଭୀରତାକୁ ପ୍ରବେଶ କରି ରକ୍ତପ୍ରବାହରେ ମିଶିଯାଆନ୍ତି। ଯାହାଦ୍ୱାରା ଶରୀରରେ ପ୍ରଦାହ ବା ଇନଫ୍ଲାମେସନ୍ ସୃଷ୍ଟି ହୁଏ ଏବଂ ଏକାଧିକ ଅଙ୍ଗ ପ୍ରଭାବିତ ହୋଇଥାଏ । ଅଳ୍ପସମୟ ପାଇଁ ସଂସ୍ପର୍ଶରେ ଆସିଲେ ବି ଗଳା ଜଳାପୋଡା, କାଶ, ଏବଂ ଅଣନିଶ୍ୱାସୀ ଅନୁଭୂତ ହୋଇପାରେ । ଏହା ପୂର୍ବରୁ ଥିବା ହୃଦରୋଗ ଓ ଫୁସଫୁସ୍ ଜନିତ ସମସ୍ୟାକୁ ଆହୁରି ଗମ୍ଭୀର କରିଦିଏ । ସିକାଗୋ ବିଶ୍ୱବିଦ୍ୟାଳୟର 'ଏନର୍ଜି ପଲିସି ଇନଷ୍ଟିଚ୍ୟୁଟ୍' ଦ୍ୱାରା ପ୍ରକାଶିତ ୨୦୨୫ ରିପୋର୍ଟ ଅନୁଯାୟୀ, ବାୟୁପ୍ରଦୂଷଣ ଦିଲ୍ଲୀବାସୀଙ୍କ ହାରାହାରି ଜୀବନକାଳକୁ ୮.୨ ବର୍ଷ ପର୍ଯ୍ୟନ୍ତ କମାଇଦେଇପାରେ । ଏଠାରେ ରହୁଥିବା ଲୋକଙ୍କ ପାଇଁ ଏହି ଆହ୍ୱାନ କେବଳ ନିଶ୍ୱାସ ପ୍ରଶ୍ୱାସରେ ସୀମିତ ନୁହେଁ; ଲଗାଯାଉଥିବା କଟକଣା ସେମାନଙ୍କ ଦୈନନ୍ଦିନ ଜୀବନଯାତ୍ରାକୁ ବ୍ୟାହତ କରୁଛି । ସାଧାରଣତଃ ଦିଲ୍ଲୀ ନୋଏଡ଼ା ଏବଂ ଗୁରୁଗ୍ରାମ ସହ ନିବିଡ଼ ଭାବେ ଯୋଡ଼ିହୋଇଛି, ଯେଉଁଠାରୁ ପ୍ରତିଦିନ ହଜାର ହଜାର ଲୋକ ଜୀବିକା ପାଇଁ ଯାତାୟାତ କରନ୍ତି । ସୀମାରେ ଗାଡ଼ିଗୁଡ଼ିକୁ ଅଟକାଇ ଯାଞ୍ଚ କରାଯାଉଥିବାରୁ ଦିଲ୍ଲୀ ସୀମାନ୍ତରେ ଲମ୍ବା ଧାଡ଼ି ଜମୁଛି ଏବଂ ନାଗରିକମାନେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ଜାମରେ ଫସି ରହୁଛନ୍ତି । ପ୍ରତିସମୟରେ ଲାଗୁ ହେଉଥିବା ନୂଆ ନିୟମଗୁଡ଼ିକ କିଛିଟା ଆଶା ସଞ୍ଚାର କରୁଥିଲେ ବି, ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ସରକାରୀ ପଦକ୍ଷେପ ସତ୍ତ୍ୱେ ପ୍ରତି ଶୀତଦିନେ ପ୍ରଦୂଷଣ ଫେରିଆସୁଛି। ଯେଉଁଥିପାଇଁ ଜନସାଧାରଣ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କୁ ବାହାରକୁ ଯିବାକୁ ମଧ୍ୟ ଡର ଲାଗୁଛି । ଅଫିସ, ସ୍କୁଲ, କଲେଜ ଓ ବଜାର ଯେପରି ସେମାନଙ୍କ ପାଇଁ ମରଣଯନ୍ତ୍ର। ପାଲଟି ଯାଉଛି । ବାହାରକୁ ଯିବା ମାନେ ନିଜକୁ ବିଷ ବଳୟ ଭିତରକୁ ଠେଲିଦେବା ଭଳି ହେଉଛି, ଯାହାକୁ ନେଇ ଦିଲ୍ଲୀବାସୀଙ୍କ ଭିତରେ କ୍ଷୋଭ ବଢିବାରେ ଲାଗୁଛି ।



ସବୁସହରରେ ବଢୁଛି ପ୍ରଦୂଷଣ

ଦେଶରେ ବାୟୁ ପ୍ରଦୂଷଣ ଏବେ କେବଳ ବଡ଼ ସହରଗୁଡ଼ିକର ସମସ୍ୟା ହୋଇ ରହିନାହିଁ । ଗାଁଗୁଡ଼ିକର ପବନ ମଧ୍ୟ ସମାନ ଭାବେ ବିଷାକ୍ତ ହେବାରେ ଲାଗିଛି । ଫିକିର ୨୦୨୬ ରିପୋର୍ଟ

ଅନୁଯାୟୀ, ଦେଶର ୨୪ଟି ରାଜ୍ୟ ମଧ୍ୟରୁ ୨୨ଟିରେ ସହରାଞ୍ଚଳର ପ୍ରଦୂଷଣ ଗ୍ରାମାଞ୍ଚଳ ତୁଳନାରେ ଅଧିକ ରହିଛି । ମୁମ୍ବାଇରେ ସାମୁଦ୍ରିକ ପବନର ପ୍ରାକୃତିକ ସୁରକ୍ଷା କବଚ ମଧ୍ୟ ଦୁର୍ବଳ ହୋଇପଡ଼ିଛି । ଅକ୍ଟୋବର ୨୧ ତାରିଖରେ ମୁମ୍ବାଇର ବାୟୁ ଗୁଣବତ୍ତା ସୂଚକାଙ୍କ ଏକ୍ୟୁଆଇ ୧୬୫ ଥିବାବେଳେ ଦିଲ୍ଲୀର ଏକ୍ୟୁଆଇ ୧୬୪ ରହିଥିଲା। ସମଗ୍ର ବିଶ୍ୱ ତାଲିକାରେ ମୁମ୍ବାଇ ଚତୁର୍ଥ ସର୍ବାଧିକ ପ୍ରଦୂଷିତ ସହର ଭାବେ ରେକର୍ଡ କରାଯାଇଛି। ଅକ୍ଟୋବର ୨୪ ତାରିଖରେ ଏହାର ସ୍ତର ୩୨୨ରେ ପହଞ୍ଚିଥିଲା ।

ସେହିପରି ଅନେକ ଛୋଟ ସହରର ବାୟୁ ଦିଲ୍ଲୀ ଅପେକ୍ଷା ଅଧିକ ପ୍ରଦୂଷିତ ହୋଇଛି । ମେଘାଳୟରେ ଆସାମ ସୀମା ନିକଟରେ ଅବସ୍ଥିତ ଶିଲ୍ଲାଞ୍ଚଳ ବର୍ଣ୍ଣିହାଟରେ ଏକ୍ୟୁଆଇ ସ୍ତର ୧୦୧.୧ ରେକର୍ଡ ହୋଇଥିବାବେଳେ ଦିଲ୍ଲୀରେ ଏହା ମାତ୍ର ୯୯.୬ ଥିଲା । ଚଳିତ ବର୍ଷ ମୌସୁମୀ ପ୍ରତ୍ୟାବର୍ତ୍ତନ ପରେ ଗୁଜରାଟ ଏବଂ ଉତ୍ତର ମହାରାଷ୍ଟ୍ର ଉପରେ ଏକ ଆଣ୍ଟି-ସାଇକ୍ଲୋନ୍ (ପ୍ରତି-ଘୂର୍ଣ୍ଣିବଳୟ) ସୃଷ୍ଟି ହୋଇଥିଲା । ଏହାର ପ୍ରଭାବରେ ଅକ୍ଟୋବର ମାସରେ ପୂର୍ବା ପବନ ବୋହିବା ସହ ସମୁଦ୍ର ଆଡୁ ଆସୁଥିବା ଥଣ୍ଡା ପବନ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦୁର୍ବଳ ରହିଥିଲା। ଫଳରେ ସାମୁଦ୍ରିକ ପବନ ପ୍ରଦୂଷକ କଣିକାଗୁଡ଼ିକୁ ବିସ୍ତାର କରି ସହରର ବାୟୁକୁ ସ୍ୱଚ୍ଛ କରିବାରେ ସହାୟକ ହୋଇପାରି ନଥିଲା । ସାମୁଦ୍ରିକ ଏବଂ ସ୍ଥଳଭାଗ ପବନର ବେଗ ସହିତ ସୂକ୍ଷ୍ମ ଧୂଳିକଣା ସ୍ତରର ସିଧାସଳଖ ସମ୍ପର୍କ ରହିଛି । ସାମୁଦ୍ରିକ ପବନ ଦୁର୍ବଳ ହେଲେ ପିଏମ୍-୨.୫ ସ୍ତର ବୃଦ୍ଧି ପାଇଥାଏ ।



ଏୟାର କ୍ୱାଲିଟି ଇଣ୍ଡେକ୍ସ ବା ଏକ୍ୟୁଆଇ

ଏୟାର କ୍ୱାଲିଟି ଇଣ୍ଡେକ୍ସ ବା ବାୟୁ ଗୁଣବତ୍ତା ସୂଚକାଙ୍କ ଏକ୍ୟୁଆଇ ହେଉଛି ଏକ ପ୍ରକାର ମାପକ ଯନ୍ତ୍ର, ଯାହା ପବନ କେତେ ସ୍ୱଚ୍ଛ ଓ ନିର୍ମଳ ତାହା ମାପିଥାଏ । ଏହାର ସହାୟତାରେ ପବନରେ ଥିବା ବାୟୁ ପ୍ରଦୂଷକଗୁଡ଼ିକ ଆମ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ହୋଇପାରେ, ସେ ସମ୍ପର୍କରେ ମଧ୍ୟ ଆମେ ଆକଳନ କରିପାରୁ । ଏକ୍ୟୁଆଇ ମୁଖ୍ୟତଃ ୫ଟି ସାଧାରଣ ବାୟୁ ପ୍ରଦୂଷକର ସାନ୍ଦ୍ରତାକୁ ମାପିଥାଏ । ଏଥିରେ ଗ୍ରାଉଣ୍ଡ ଲେଭଲ୍ ଓଜୋନ୍, ପାର୍ଟିକିଲ୍ ପଲ୍ୟୁସନ୍ (ଧୂଳିକଣା ପ୍ରଦୂଷଣ), କାର୍ବନ ମନୋକ୍ସାଇଡ୍, ସଲଫର୍ ଡାଇଅକ୍ସାଇଡ୍ ଏବଂ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ଅନ୍ତର୍ଭୁକ୍ତ ।



ଭୁବନେଶ୍ୱରରେ ବି ବଢିଥିଲା ଏକ୍ୟୁଆଇ

ଓଡ଼ିଶାର ଅଧିକାଂଶ ସ୍ଥାନରେ ରାତ୍ରି ତାପମାତ୍ରା ହ୍ରାସ ପାଇବା ଆରମ୍ଭ ହୋଇଥିବାରୁ ରାଜ୍ୟରେ ସାମାନ୍ୟ ଶୀତ ଅନୁଭୂତ ହେଉଥିବା ବେଳେ ଦୀପାବଳି ଅବସରରେ ବ୍ୟାପକ ବାଣ ଫୁଟା ଯୋଗୁଁ ଏହାପରେ ଭୁବନେଶ୍ୱରରେ ବାୟୁ ପ୍ରଦୂଷଣ ସ୍ତର ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି । ଭୁବନେଶ୍ୱରରେ ତାପମାତ୍ରା ୨୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବା ବେଳେ ବାଣ ଧୂଆଁ ଯୋଗୁଁ ସହରର ବାୟୁ ଗୁଣବତ୍ତା ଗୁରୁତର ଭାବେ ପ୍ରଭାବିତ ହୋଇ ବିଭିନ୍ନ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା । ରାତି ସମୟରେ ସହରର ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ ଏକ୍ୟୁଆଇ ୨୭୪ ରେକର୍ଡ କରାଯାଇଥିଲା । ଯେଉଁଥିରେ ଏଜି କଲୋନୀରେ ସର୍ବାଧିକ ୩୨୪, ଚିନ୍ତାମଣିଶ୍ୱରରେ ୩୦୭, ବିଜେବି ନଗରରେ ୨୯୭, ବାପୁଜୀ ନଗରରେ ୨୯୫, ବାଲକାଟିରେ ୨୯୪ ଏବଂ ଜାଗମରାରେ ୨୯୧ ରହିଥିଲା। ସେହିପରି ହଂସପାଳରେ ଏକ୍ୟୁଆଇ ୨୪୫ ଓ ନନ୍ଦନ ବିହାରରେ ୨୨୫ ରେକର୍ଡ ହୋଇଥିବା ବେଳେ ପ୍ରଦୂଷଣ ସ୍ତର ରାତି ପ୍ରାୟ ୧୧ଟା ବେଳକୁ ସର୍ବୋଚ୍ଚ ୧,୪୪୪ରେ ପହଞ୍ଚିଥିଲା। ଏହା ସକାଳ ୭ଟା ସୁଦ୍ଧା ହାରାହାରି ୧୯୭କୁ ଖସି ଆସିଥିଲା । ବାୟୁ ଓ ଶବ୍ଦ ପ୍ରଦୂଷଣ ବୃଦ୍ଧି ଯୋଗୁଁ ବିଶେଷକରି ଶ୍ୱାସରୋଗୀ ଓ ବୟସ୍କ ବ୍ୟକ୍ତିମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେହିଭଳି ଅନ୍ୟ ସହରରେ ମଧ୍ୟ ଦୀପାବଳି କାରଣରୁ ପ୍ରଦୂଷଣର ମାତ୍ରା ବଢିଥିବାର ଖବର ମିଳିଥିଲା ।



ସବୁଜ ବାଣ

ପ୍ରତିବର୍ଷ ଦୀପାବଳି ଆସିଲେ ଆକାଶ ରଙ୍ଗବେରଙ୍ଗର ଆଲୋକରେ ଝଲସି ଉଠେ । ସମସ୍ତେ ନିଜ ଘରକୁ ବିଭିନ୍ନ ଆଲୋକ ଓ ଦୀପରେ ସଜାଇବା ସହ ବାଣ ଫୁଟାଇ ଏହି ପର୍ବର ମଜା ନେଇଥାଆନ୍ତି । ହେଲେ ଲୋକଙ୍କର ଏହି ମଜା ଅନେକଙ୍କ ପାଇଁ ବିପଦ ସାଜିଥାଏ । ତେବେ ଦୀପାବଳି ଆସିଲେ ଚର୍ଚ୍ଚା ହୁଏ ସବୁଜ ବାଣ ବା ଗ୍ରୀନ କ୍ରାକର୍ସର । ତେବେ ଆସନ୍ତୁ ଜାଣିବା କ'ଣ ଏହି ସବୁଜ ବାଣ ।

ଅନେକ ସମୟରେ ଦୀପାବଳି ପରେ ବାୟୁର ଏକ୍ୟୁଆଇ ମାନ ବଢିବାକୁ ଲାଗିଥାଏ, ଯାହା ପ୍ରଦୂଷଣ ବଢିବାର ସଙ୍କେତ ଦେଇଥାଏ । ଦୀପାବଳିକୁ ଉପଭୋଗ କରି ଲୋକମାନେ ଫୁଟାଉଥିବା ବାଣର ପରିଣାମ ଅନ୍ୟଲୋକମାନେ ପାଇଥାଆନ୍ତି । ରାସ୍ତାରେ ଧୂଆଁର ଆବରଣ ଜମିରହେ, ପାଉଁଶ ଓ ଜଳାକାରସାୟନର ଦୁର୍ଗନ୍ଧ ବାୟୁମଣ୍ଡଳରେ ଭାସିବୁଲେ, ବାଣର ଶବ୍ଦ ବଦଳରେ କାଶ, ଆଖି ଜଳିବା ଏବଂ ନିଶ୍ୱାସ ନେବାରେ କଷ୍ଟ ଅନୁଭବ ଭଳି ଜିନିଷ ଲୋକମାନଙ୍କୁ ପ୍ରାପ୍ତ ହୁଏ । ବାଣ ଫୁଟିବା ମାତ୍ର କିଛି ସେକେଣ୍ଡ ପାଇଁ ରହିଥାଏ, କିନ୍ତୁ ଏହା ଦ୍ୱାରା ସୃଷ୍ଟି ହେଉଥିବା ପ୍ରଦୂଷଣ ବାୟୁମଣ୍ଡଳରେ ବହୁତ ସମୟ ଧରି ରହିଯାଏ । ଏହି କାରଣରୁ ଏହାର ଏକ ବିକଳ୍ପ ଭାବେ 'ଗ୍ରୀନ୍ କ୍ରାକର୍ସ୍' ବା ସବୁଜ ବାଣର ଲୋକପ୍ରିୟତା କ୍ରମଶଃ ବୃଦ୍ଧି ପାଉଛି ।

ବାଣ ଫୁଟିବା ସମୟର ପ୍ରତିକ୍ରିୟା

ଆମେ ଯେଉଁ ରଙ୍ଗବେରଙ୍ଗ ଓ ବିଭିନ୍ନ ଶବ୍ଦ କରୁଥିବା ଆକର୍ଷଣୀୟ ବାଣ ଉପଭୋଗ କରୁ, ତାହା ବିଭିନ୍ନ ରାସାୟନିକ ପଦାର୍ଥର ମିଶ୍ରଣରୁ ସୃଷ୍ଟି ହୋଇଥାଏ । ମାତ୍ର ଏହି ପ୍ରକ୍ରିୟା ବାୟୁମଣ୍ଡଳକୁ ବିଭିନ୍ନ କ୍ଷତିକାରକ ପ୍ରଦୂଷକ ଛାଡ଼ିଥାଏ । ପାରମ୍ପରିକ ବାଣଗୁଡ଼ିକରୁ ଅଣୁକଣା , ସଲଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ଅନ୍ୟାନ୍ୟ କ୍ଷତିକାରକ ଗ୍ୟାସ୍ ନିର୍ଗତ ହୋଇଥାଏ । ଏହି କ୍ଷୁଦ୍ର କଣାଗୁଡ଼ିକ ଶ୍ୱାସକ୍ରିୟା ମାଧ୍ୟମରେ ଶରୀର ଭିତରକୁ ପ୍ରବେଶ କରେ ଏବଂ ସେଗୁଡ଼ିକ ମଧ୍ୟରୁ କେତେକ ଫୁସଫୁସ୍ ଓ ରକ୍ତପ୍ରବାହରେ ମଧ୍ୟ ପହଞ୍ଚିଯାଏ । ଯାହା ଆଜମା, ଶ୍ୱାସରୋଗ, ହୃଦରୋଗ କିମ୍ବା







ଅନ୍ୟାନ୍ୟ ଶ୍ୱାସଜନିତ ସମସ୍ୟା ଥିବା ବ୍ୟକ୍ତିଙ୍କ ପାଇଁ ଏହା ସ୍ୱାସ୍ଥ୍ୟଗତ ଜଟିଳତା ବଢ଼ାଇଦିଏ । ବିଶେଷକରି ଶିଶୁ ଏବଂ ବୃଦ୍ଧମାନେ ଏହାର ଗମ୍ଭୀର ଶିକାର ହୋଇଥା'ନ୍ତି । ଏପରିକି ସୁସ୍ଥ ବ୍ୟକ୍ତିମାନେ ମଧ୍ୟ କାଶ, ଗଳା ଜଳିବା, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ଏବଂ ଆଖିରେ ଜ୍ୱଳନ ଅନୁଭବ କରନ୍ତି । ଏହାଶହ ପଶୁପକ୍ଷୀ ମଧ୍ୟ ନାନା ସମସ୍ୟାର ସମ୍ମୁଖୀନ ହୁଅନ୍ତି ।

ସବୁଜ ବାଣ

ଏହି ସମସ୍ୟାର ସମାଧାନ ପାଇଁ 'ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ପରିଷଦ' ଏବଂ 'ଜାତୀୟ ପରିବେଶ ପ୍ରଯୁକ୍ତିବିଦ୍ୟା ଗବେଷଣା ପ୍ରତିଷ୍ଠାନ'ର ବୈଜ୍ଞାନିକମାନେ ମିଳିତ ଭାବେ ଗ୍ରୀନ୍ କ୍ରାକର୍ସ୍ ବା ସବୁଜ ବାଣ ପ୍ରସ୍ତୁତ କରିଛନ୍ତି। ଭାରତରେ ୨୦୧୯ ମସିହାରେ ପ୍ରଚଳିତ ହୋଇଥିବା ଏହି ବାଣଗୁଡ଼ିକ ରାସାୟନିକ ପଦାର୍ଥର ସଂଶୋଧିତ ସୂତ୍ର ଏବଂ କମ୍ ପରିମାଣର କଞ୍ଚାମାଲ ବ୍ୟବହାର କରି ତିଆରି କରାଯାଇଥାଏ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ପାରମ୍ପରିକ ବାଣର ଆନନ୍ଦକୁ ବଜାୟ ରଖିବା, କିନ୍ତୁ କମ୍ ପ୍ରଦୂଷଣ ସୃଷ୍ଟି କରିବା । ଏନଇଇଆରଆଇର ମାନଦଣ୍ଡ ଅନୁଯାୟୀ, ଏକ ଗ୍ରୀନ୍ କ୍ରାକର୍ ପାରମ୍ପାରିକ ବାଣ ତୁଳନାରେ ଅତିକମ୍ରେ ୩୦% କମ ପ୍ରଦୂଷଣ କଣିକା ସୃଷ୍ଟି କରିବା ଆବଶ୍ୟକ। ଅନ୍ୟ ଏକ ସୂତ୍ର ଅନୁଯାୟୀ, ଏହା କଣିକା ପ୍ରଦୂଷଣକୁ ଅତିକମରେ ୨୦% ଏବଂ ସଲଫର ଡାଇଅକ୍ସାଇଡ୍ ଓ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ପରି ଗ୍ୟାସୀୟ ପ୍ରଦୂଷଣକୁ ଅତି କମରେ ୧୦% ହ୍ରାସ କରିବା ବାଧ୍ୟତାମୂଳକ ।

ଏହା ପଛର ରସାୟନ ବିଜ୍ଞାନ

ଏହି ବାଣଗୁଡ଼ିକ ଭିତରେ ପ୍ରକୃତରେ କ'ଣ ପରିବର୍ତ୍ତନ କରାଯାଇଥାଏ? ବୈଜ୍ଞାନିକମାନେ ଉପାଦାନଗୁଡ଼ିକୁ ବଦଳାଇବା, ବ୍ୟବହୃତ ସାମଗ୍ରୀର ପରିମାଣ ହ୍ରାସ କରିବା ଏବଂ ଦହନ ପ୍ରକ୍ରିୟାକୁ ଅଧିକ କାର୍ଯ୍ୟକ୍ଷମ କରିବା ଦିଗରେ କାର୍ଯ୍ୟ କରିଛନ୍ତି । ଏଗୁଡ଼ିକ ମୁଖ୍ୟତଃ ତିନିଟୋଟି ବର୍ଗରେ ବିଭକ୍ତ :

ସେଫ୍ ୱାଟର୍ ରିଲିଜର୍: ଏହି ବାଣଗୁଡ଼ିକ ଦହନ ସମୟରେ ଜଳୀୟବାଷ୍ପ ନିର୍ଗତ କରନ୍ତି, ଯାହା ଧୂଳିକଣାଗୁଡ଼ିକୁ ଦବାଇବାରେ ଏବଂ ପ୍ରଦୂଷଣ କମାଇବାରେ ସାହାଯ୍ୟ କରେ ।

ସେଫ୍ ଥର୍ମାଇଟ୍ କ୍ରାକର୍ : ଏଗୁଡ଼ିକ ଦହନ ଦକ୍ଷତା ବୃଦ୍ଧି କରିବା ଏବଂ ନିର୍ଗମନ ହ୍ରାସ କରିବା ପାଇଁ ଆଇରନ ଅକ୍ସାଇଡ୍ ଆଧାରିତ ସୂତ୍ର ବ୍ୟବହାର କରନ୍ତି ।

ସେଫ୍ ମିନିମାଲ୍ ଆଲୁମିନିୟମ: ଏଗୁଡ଼ିକ ଜିଓଲାଇଟ୍-ଆଧାରିତ ପଦାର୍ଥ ବ୍ୟବହାର କରନ୍ତି, ଯାହା ଆଲୁମିନିୟମର ଆବଶ୍ୟକତାକୁ କମାଇବାରେ ସହାୟକ ହୁଏ । ଏହାଛଡ଼ା ଗ୍ରୀନ୍ କ୍ରାକର୍ସରେ ବାରିୟମ୍ ନାଇଟ୍ରେଟ୍ ପରି କ୍ଷତିକାରକ ରାସାୟନିକ ପଦାର୍ଥ ବର୍ଜନ କରାଯାଇଥାଏ ଏବଂ ପାଉଁଶ ତଥା ଅନ୍ୟାନ୍ୟ ନିର୍ଗମନକୁ ହ୍ରାସ କରିବା ପାଇଁ ସଂଶୋଧିତ ଫର୍ମୁଲା ବ୍ୟବହୃତ ହୁଏ । ତେବେ ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ବୁଝିବା ଜରୁରୀ । କମ୍ ପ୍ରଦୂଷଣକାରୀ ହେବା ମାନେ ଏହା ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ ନୁହେଁ। ଗ୍ରୀନ୍ କ୍ରାକର୍ସ ଜଳିବା ସମୟରେ ମଧ୍ୟ କ୍ଷତିକାରକ କଣା ଓ ଗ୍ୟାସ୍ ନିର୍ଗତ ହୋଇଥାଏ । କେତେକ ଗ୍ରୀନ୍ କ୍ରାକର୍ସ ପାରମ୍ପାରିକ ବାଣ ତୁଳନାରେ ଅଧିକ ସଂଖ୍ୟକ ଅତି-ସୂକ୍ଷ୍ମ କଣା ନିର୍ଗତ କରିପାରେ। ଏହି ଅତି କ୍ଷୁଦ୍ର କଣାଗୁଡ଼ିକ ଅତ୍ୟନ୍ତ ଚିନ୍ତାଜନକ, କାରଣ ଏଗୁଡ଼ିକ ସିଧାସଳଖ ଶ୍ୱାସତନ୍ତ୍ରର ଗଭୀରକୁ ପ୍ରବେଶ କରିପାରେ। ଗୋଟିଏ ବାଣରୁ ୩୦% ପ୍ରଦୂଷଣ ହ୍ରାସ ପାଇବା ଅର୍ଥ ଏହା ନୁହେଁ ଯେ ସହରର ବାୟୁ ୩୦% ପରିଷ୍କାର ହୋଇଯିବ । ସାମଗ୍ରିକ ପ୍ରଭାବ ନିର୍ଭର କରେ କେତେ ସଂଖ୍ୟକ ବାଣ ଫୁଟାଯାଉଛି, କି ପ୍ରକାର ପ୍ରଦୂଷକ ବାହାରୁଛି, ପାଗର ସ୍ଥିତି କିପରି ଅଛି ଏବଂ ଅନ୍ୟାନ୍ୟ ପ୍ରଦୂଷଣର ଉତ୍ସ କ'ଣ ରହିଛି, ଯାହାପରେ ବାୟୁର ଏକ୍ୟୁଆଇ ଜଣା ପଡିଥାଏ । ତେଣୁ, ଗ୍ରୀନ୍ କ୍ରାକର୍ସ ହେଉଛି କ୍ଷତି ହ୍ରାସ ଦିଗରେ ଏକ ପାଦ, ଏହାକୁ ଅନିୟନ୍ତ୍ରିତ ଭାବେ ଯେତେ ଇଚ୍ଛା ସେତେ ବାଣ ଫୁଟାଇବାର ଅନୁମତି ଭାବେ ଗ୍ରହଣ କରାଯିବା ଉଚିତ୍ ନୁହେଁ । ତେଣୁ ପ୍ରଦୁଷଣ ରୋକିବାକୁ ହେଲେ ଆମକୁ କମ୍ ବାଣ ଫୁଟାଇବା, ଉତ୍ସବ ପାଳନର ଅନ୍ୟାନ୍ୟ ମାର୍ଗ ଆପଣାଇବା ଏବଂ ଆମ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ବାୟୁ ପ୍ରତି ସଚେତନ ରହିବା ହିଁ ସଠିକ ଉପାୟ।



ନୂଆ ପ୍ରୋଜେକ୍ଟ ପାଇଁ
କସରତ

ବଲିଉଡ୍ ଅଭିନେତା ଜନ୍ ଆବ୍ରାହମ୍ ଆଗାମୀ ଦିନରେ ଏକ ରୋମାଞ୍ଚକର ଥ୍ରିଲର୍ ଫିଲ୍ମରେ ମୁଖ୍ୟ ଭୂମିକାରେ ନଜର ଆସିବାକୁ ଯାଉଥିବା ବେଳେ, ଏଥିପାଇଁ ସେ ନିର୍ଦ୍ଦେଶକ ରିଭୁ ଦାସଗୁପ୍ତାଙ୍କ ସହ କାମ କରିବାକୁ ଯାଉଥିବା ଜଣାପଡ଼ିଛି । ରିଲାଏନ୍ସ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ହେବାକୁ ଥିବା ଏହି ନାମକରଣ ହୋଇନଥିବା ଫିଲ୍ମର ସୁଟିଂ ଚଳିତ ମାସରେ ଲଣ୍ଡନରେ ଆରମ୍ଭ ହେବାକୁ ଯାଉଛି । ସୂତ୍ର ଅନୁସାରେ, ଏହି ଫିଲ୍ମରେ ଜନ୍‌ଙ୍କର ଏକ ଭିନ୍ନ ଅନ୍ଦାଜ ଦେଖିବାକୁ ମିଳିବ ଏବଂ ତାଙ୍କ ଚରିତ୍ରଟି ବେଶ୍ ଗଭୀର ଓ ସ୍ତରୀୟ ରହିଛି । ତେବେ ଏହି ଚରିତ୍ର ପାଇଁ ଆବଶ୍ୟକୀୟ ଥିବା ଶାରୀରିକ ଗଠନ ଓ ଭାବନାକୁ ଜନ୍ ବେଶ୍ ଭଲ ଭାବେ ପରଦାରେ ଜୀବନ୍ତ କରିପାରିବେ ବୋଲି ଟିମ୍‌ର ଦୃଢ଼ ବିଶ୍ୱାସ ରହିଛି । ପୂର୍ବରୁ 'ଟନ୍' ଏବଂ 'ଦ ଗାର୍ଲ ଅନ୍ ଦ ଟ୍ରେନ୍' ଭଳି ସଫଳ ଥ୍ରିଲର୍ ଫିଲ୍ମର ନିର୍ଦ୍ଦେଶନା ଦେଇଥିବା ରିଭୁ ଦାସଗୁପ୍ତାଙ୍କ ସହ ଜନ୍‌ଙ୍କ ଏହି ଯୋଡ଼ିକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସୁକତା ବଢ଼ିଛି । ଅନ୍ୟପଟେ ଜନ୍ ନିର୍ଦ୍ଦେଶକ ରୋହିତ ସେଟ୍ଟୀଙ୍କ ଆଗାମୀ ଫିଲ୍ମ 'ମାରିଆ ଆଇପିଏସ୍' ପାଇଁ ନିଜ ଫିଜିକରେ ବଡ଼ ଧରଣର ପରିବର୍ତ୍ତନ ଆଣୁଛନ୍ତି । ଫିଲ୍ମକୁ ନେଇ ତାଙ୍କ ଫ୍ୟାନମାନେ ଖୁବ ଉତ୍ସାହିତ ଅଛନ୍ତି ।



ଭାଙ୍ଗିଲେ ଟ୍ରାଡିସନ

ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ନିଜ ପ୍ରେଗ୍ନେସିର ଏକ ଝଲକ୍ ଫ୍ୟାନଙ୍କ ସହ ସେୟାର କରିଛନ୍ତି, ଯାହା ଖୁବ ଭାଇରାଲ ହେବାରେ ଲାଗିଛି । ଫଟୋରେ ତାଙ୍କର ସରଳ ଅନ୍ଦାଜ ଏବେ ସୋସିଆଲ ମିଡିଆରେ ବେଶ୍ ପ୍ରଶଂସା ସାଉଁଟୁଛି । ଅନ୍ୟ ସେଲିବ୍ରିଟିଙ୍କ ଭଳି ଗ୍ଲାମର ମ୍ୟାଟରନିଟି ଫଟୋସୁଟ୍ କରିବା ପରିବର୍ତ୍ତେ ସାମନ୍ଥା ବେଶ୍ ସାଧାରଣ ଭାବେ ଏକ ସୋଫା ଉପରେ ଆରାମରେ ବସି ନିଜ ବେବି ବମ୍ପ୍ ଦେଖାଇ ଫଟୋ ପୋଷ୍ଟ କରିଛନ୍ତି । ଏହାସହ ମଜାଳିଆ ଢଙ୍ଗରେ "ଏହାକୁ ମୋର ମ୍ୟାଟରନିଟି ସୁଟ୍ ବୋଲି ଭାବିନିଅନ୍ତୁ" ବୋଲି କ୍ୟାପସନ୍ ଲେଖିଛନ୍ତି । ଲାଲ୍ ପ୍ରିଣ୍ଟେଡ୍ କୁର୍ତ୍ତା, ଧଳା ପାଇଜାମା ଏବଂ କଳା ଚଷମା ପିନ୍ଧିଥିବା ସାମନ୍ଥାଙ୍କର ଏହି ଫଟୋ ବେଶ୍ ଭାଇରାଲ୍ ହେଉଛି । ସୂଚନା ଅନୁସାରେ ୨୦୨୫ ମସିହା ଡିସେମ୍ବର ୧ ତାରିଖରେ ରାଜ ନିଦିମୋରୁଙ୍କୁ ସମାନ୍ଥା ବିବାହ କରିଥିଲେ ।

ମନଖୋଲି କଥାବାର୍ତ୍ତା

ଫି ୱିଥ୍ କରନ୍'ର ଏକ ନୂଆ ଏପିସୋଡ୍ ଅଭିନେତା ସିଦ୍ଧାର୍ଥ ମଲହୋତ୍ରା ଏବଂ ଅଭିନେତ୍ରୀ କିଆରା ଆଡଭାନୀ ଅତିଥି ଭାବେ ଯୋଗଦେଇ ଅନେକ ରୋଚକ କଥାର ଖୁଲାସା କରିଛନ୍ତି । ତାଙ୍କ ବିବାହରେ ସବୁଠାରୁ ରୋଚକ ଥିଲା କରନଙ୍କ ଡ୍ୟାନ୍ସ ବୋଲି କିଆରା ମତ ଦେଇଛନ୍ତି । ସେହିଭଳି ନିଜ ଚଳଚ୍ଚିତ୍ର 'ଦ ଭାନ୍'କୁ ନେଇ ସମାଲୋଚକଙ୍କ ନକାରାତ୍ମକ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ସିଦ୍ଧାର୍ଥ କହିଛନ୍ତି ଯେ ସେ ଏଗୁଡିକୁ ଭ୍ରୁକ୍ଷେପ କରନ୍ତି ନାହିଁ । ସେମାନେ ସବୁବେଳେ ଖୁବ ପରିଶ୍ରମ କରି ନିଜ କାମ କରୁଛନ୍ତି, ଆଶା ରହୁଛି ସବୁବେଳେ ଦର୍ଶକଙ୍କୁ ଭଲ ଫିଲ୍ମ ଭେଟିଦେବେ । ସେହିଭଳି ଭାରତର ଦର୍ଶକ ନିଜ ସଂସ୍କୃତି ସହ ଜଡ଼ିତ କାହାଣୀ ଦେଖିବାକୁ ପସନ୍ଦ କରନ୍ତି ଏବଂ 'ଦ ଭାନ୍' ସେମାନଙ୍କ ପାଇଁ ହିଁ ନିର୍ମିତ ହୋଇଥିଲା । ହେଲେ କିଛି ଲୋକଙ୍କୁ ଏହା ପସନ୍ଦ ଆସିଲାନି, ଯାହାକୁ ସେ ଖୁବ ସହଜରେ ଗ୍ରହଣ କରିଥିବା ପ୍ରକାଶ କରିଛନ୍ତି । ସେହିପରି ନିଜ ଚଳଚ୍ଚିତ୍ର 'ଟକ୍ସିକ୍'ର ବିଫଳତାକୁ ନେଇ କିଆରା ମଧ୍ୟ ନିଜ ମନକଥା କହିଥିଲେ । ଏହାର ବିଫଳତା କାରଣରୁ ସେ ଦୁଃଖିତ ଥିଲେ, କିନ୍ତୁ ନିଜ କମ୍ଫର୍ଟ ଜୋନ୍‌ରୁ ବାହାରି ସେ କରିଥିବା ଅଭିନୟକୁ ଦର୍ଶକ ପ୍ରଶଂସା କରିଥିବାରୁ ଏହା ତାଙ୍କ କ୍ୟାରିୟରର ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ହୋଇ ରହିବବୋଲି କିଆରା କହିଛନ୍ତି ।



ପତ୍ନୀଙ୍କୁ ପ୍ରଶଂସା

ନିକଟରେ ବଲିଉଡ୍‌ର ଲୋକପ୍ରିୟ କପଲ ସୈଫ୍ ଅଲ୍ଲୀ ଖାନ୍ ଏବଂ କରୀନା କପୁର ଖାନ୍ ଅତିଥି ଭାବେ ଯୋଗ ଦେଇ ନିଜ ପରିବାରର ସମ୍ପର୍କ ଏବଂ ପିଲାମାନଙ୍କ ସହ ଥିବା ସେମାନଙ୍କର ରିଲେସନ ବିଷୟରେ ଖୋଲାଖୋଲି ଆଲୋଚନା କରିଛନ୍ତି । ଏହି ଅବସରରେ ସୈଫ୍ ତାଙ୍କର ପ୍ରଥମ ବିବାହରୁ ଜନ୍ମିତ ସନ୍ତାନ ସାରା ଅଲ୍ଲୀ ଖାନ୍ ଏବଂ ଇବ୍ରାହିମ୍ ଅଲ୍ଲୀ ଖାନ୍‌ଙ୍କ ସହ ଏକ ସ୍ନେହପୂର୍ଣ୍ଣ ସମ୍ପର୍କ ଗଢ଼ିତୋଳିବା ଦିଗରେ କରୀନାଙ୍କ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଛନ୍ତି । ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ବୁଝାମଣାକୁ ପ୍ରଶଂସା କରିବା ସହ ଏହାର ଶ୍ରେୟ ବିଶେଷକରି କରୀନାଙ୍କୁ ଦେଇଛନ୍ତି । ଏହି ସମ୍ପର୍କ ଉଭୟ ପକ୍ଷର ପ୍ରୟାସରେ ଗଢ଼ିଉଠିଛିବୋଲି ସୈଫ ମତ ଦେଇଛନ୍ତି । ଯେଉଁଠି କରୀନା ସାରା ଓ ଇବ୍ରାହିମ୍‌ଙ୍କ ସହ ଅତି ସହଜ ଓ ସୁନ୍ଦର ଭାବେ ମିଶିଥିବା ବେଳେ ସେମାନେ ମଧ୍ୟ ସମାନ ଭାବେ ସ୍ନେହ ଓ ସମ୍ମାନ ପ୍ରଦର୍ଶନ କରିଛନ୍ତି । ତେଣୁ ସେମାନଙ୍କ ବଣ୍ଡିଂ ଧୀରଧୀରେ ମଜବୁତ ହେଉଛି ବୋଲି ସୈଫ ମତ ଦେଇଛନ୍ତି ।





ଫିଲ୍ମ ବଦଳାଇଦେଇଛି
ଚିନ୍ତାଧାରା

ନିକଟରେ 'ଟକ୍ସିକ୍' ଫିଲ୍ମ ରିଲିଜ ହୋଇଥିବାବେଳେ ଏଥିରେ ଅଭିନୟ କରିଥିବା ଅଭିନେତା ଅକ୍ଷୟ ଓବରଏ ଫିଲ୍ମରେ ନିଜର ଅନୁଭୂତିକୁ ନେଇ କଥା ହୋଇଛନ୍ତି । ସେ କହିଛନ୍ତି ଯେ ଏହି ଫିଲ୍ମଟି ତାଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହା ତାଙ୍କୁ ନିଜ କ୍ୟାରିୟରକୁ ଦେଖିବାର ଦୃଷ୍ଟିକୋଣ ବଦଳାଇବା ସହ ବଡ଼ ସ୍ୱପ୍ନ ଦେଖିବା ଓ ବଡ଼ ଚିନ୍ତା କରିବାର ଶିକ୍ଷା ଦେଇଛି । ଅନେକ ସମୟରେ ଆମେ ନିଜର ଭୟ ଓ ସୀମାବଦ୍ଧତା ମଧ୍ୟରେ ବାନ୍ଧି ହୋଇଯାଉ, କିନ୍ତୁ ଯଶ୍ ଏବଂ ନିର୍ଦ୍ଦେଶକ ଗୀତୁ ମୋହନଦାସଙ୍କ ସହ କାମ କରିବା ପରେ କୌଣସି ସୀମା ନଥାଏ ଏବଂ ସବୁ ପ୍ରତିକୂଳ ପରିସ୍ଥିତି ବିରୋଧରେ ଯାଇ ସର୍ବୋଚ୍ଚ ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା କରିବା ଉଚିତ୍ ବୋଲି ସେ ଶିଖିବାକୁ ପାଇଛନ୍ତି । ଏକ ଫିଲ୍ମ ନିର୍ମାଣ ମାଧ୍ୟମରେ ମିଳିଥିବା ଏହି ଅମୂଲ୍ୟ ଶିକ୍ଷା ତାଙ୍କ ସହ ସବୁଦିନ ପାଇଁ ରହିବ । ବର୍ଷ ବର୍ଷ ପରେ ବି ଯେତେବେଳେ ସେ ଏହି ଫିଲ୍ମ ବିଷୟରେ ଭାବିବେ, ଏହା ତାଙ୍କୁ ପ୍ରେରଣା ଦେବ ବୋଲି ଅକ୍ଷୟ କହିଛନ୍ତି ।



ଶିଶୁ ହସିଲେ

ଟିକି ଶିଶୁର ମୁହଁର ହସ
ମହକେ ସତେ ଫୁଲର ବାସ ।
ଟିକି ପାଟିର ଦରୋଟି କଥା
ଦୂର କରଇ ମନରୁ ବ୍ୟଥା ।
ଟିକି ପାଦେ ଢଳିଢଳି ଚାଲି
ମନୁ ସବୁ ଦୁଃଖ ଯାଉ ଭୁଲି ।
ଟିକି ଆଖି କହେ କେତେ ଭାଷା
ଲୁଚି ଥାଏ ତହିଁ ମନ ଆଶା ।
ଟିକି ଆଖିରେ ଭରିଲେ ଲୁହ
ହୃଦେ ଆମର ଆସଇ କୋହ ।
ଟିକି ମୁହେଁ ତା ଦେଖିଲେ ଦୁଃଖ
ହଜେ ଆମର ଯେତେକ ସୁଖ ।
ଟିକି ହୃଦେ ନାହିଁ ଭେଦ ଭାବ
ସିନିହ ଫାଶେ ସେ ଧରା ଦେବ ।
ଟିକି ଦେହେ ତା ଈଶ୍ୱର ଆଲ୍ଲା
ସଙ୍ଗତେ ଯୀଶୁ ଅଛନ୍ତି ଭଲା ।
କୋରାନ୍, ବାଇବେଲ ଓ ଗୀତା
ତାର ନିରୀହତାରେ ସାଇତା ।
ଟିକି ଶିଶୁକୁ ହୀନ ନ ମଣି
ତା' ଆକାଶେ ସ୍ୱପ୍ନ ଦେବା ବୁଣି ।
ମୁହଁରେ ତାର ଫୁଟିଲେ ହସ
ହସିବ ଧରା ହସିବ ଦେଶ ।

ସୁଧାକର ରାଉତ
ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨

ଶିଶୁ ଆମ ରତ୍ନ

ଗାଆଁରୁ ସହର ଯେଉଁଠି ବି ଦେଖ
ଶିଶୁଟିଏ ଯେବେ ଜନ୍ମ ନିଏ
ହେଉ ପୁଅ ଅବା କନିଆ ସନ୍ତାନ
ହୁଏନି ବା ଖୁସି ଘରେ କିଏ ॥
ଜନମ ଦିନରୁ ପରିବାର ଘରେ
ଖୁସିର ଲହରୀ ଯୋଡ଼ି ହୁଏ
ଗୁରୁ ଗୁରୁଜନ କହି ହେଉଥାନ୍ତି
ଈଶ୍ୱରଙ୍କ ଅବଦାନ ଇଏ ॥
ପିତା ମାତା ଆଉ ଜେଜେ ଜେଜୀମା
କରି ତାର ସବୁ ସେବା ଯତ୍ନ
ଛୋଟରୁ ସେ ବଡ କରି ଦେଉଥାନ୍ତି
ଭାବି ଶିଶୁ ଆମ ଦେଶ ରତ୍ନ ॥
ହେବସିଏ ଦିନେ ଡାକ୍ତର ସେବକ
ଆଉ ବି ଶିକ୍ଷକ ସୈଇନିକ
ଦେଶ ପ୍ରଗତିରେ ସହାୟକ ହେବେ
ହୋଇ ପାରେ କିଏ ବୈଜ୍ଞାନିକ ॥
ଅରି କବଳରୁ ଦେଶକୁ ସୁରକ୍ଷା
ଦେଇଛନ୍ତି ଶିଶୁ ଯେ ଅନେକ
ଇତିହାସ ତା'ର ଅଛି ମୁକ ସାକ୍ଷୀ
ବାଜି ଲକ୍ଷ୍ମଣ ଏକୁ ଆରେକ ॥
ପହଞ୍ଚି ପାରିଛି ଏଇ ମୋ ଭାରତ
ମହାକାଶେ ଏଇ ଶିଶୁ ପାଇଁ
ତାଙ୍କରି ପାଇଁ ବି ସେନାବାହିନୀରେ
ଅରି ନୟନରେ ନିଦ ନାହିଁ ॥
ଶିଶୁପରା ଆମ ଦେଶ ଭବିଷ୍ୟତ
ତାଙ୍କ ପାଇଁ ସର୍ବେ ଦିଅ ଧ୍ୟାନ
ସୁସ୍ଥ ସ୍ୱାସ୍ଥ୍ୟ ସହ ବୌଦ୍ଧିକ ବିକାଶ
ବଢ଼ିଲେ ବଢ଼ିବ ଦେଶ ମାନ ॥

ଦୀନବନ୍ଧୁ ପୋଇ
ଗୋଗଡ଼ା ପାଳ , କରମୁଳ , ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨

ବୋଇତ ବନ୍ଦାଣ

ନିଶି ଅବସାନେ ପୂର୍ଣ୍ଣିମା ଜହ୍ନ
ନଈ ଜଳେ ଢାଳେ ରୁପା କିରଣ
ପାହାନ୍ତି ପବନେ ଖେଳେ ତରଙ୍ଗ
ଘାଟେ ଘାଟେ ଶୁଭେ ଶଙ୍ଖ ମୃଦଙ୍ଗ ॥
କାର୍ତ୍ତିକ ମାସର ପବିତ୍ର ପ୍ରଭାତ
ସଜ ବାଜ ହୋଇ ଆସେ ଜଗତ
କୁନି କୁନି ହାତେ କଦଳୀ ପଟୁକା
ବର୍ଣ୍ଣିଳ ବୋଇତ ଫୁଲଦୀପେ ସଜା ॥
ଆ କା ମା ବୈ, ପାନ ଗୁଆ ଥୋଇ
ବୋଇତ ବନ୍ଦାଣ କରିବା ଭାଇ
ଧୀରେ ଧୀରେ ଭାସେ ଦୀପର ହାଟ
ନଈ ବୁକୁ ଢାଙ୍କେ ସୁନେଲି ପାଟ ॥
ସାଧବ ପୁଅର ଗୁଣ ଅସୁମାରୀ
ସାତ ସମୁଦ୍ରର ସାହସୀ ନାଉରୀ
ବାଲି, ଜାଭା ଦେଶେ ବାଣିଜ୍ୟ କରି
ଫେରୁ ଥିଲେ ଧନ, ରତନ ଧରି ॥
କଳିଙ୍ଗ ନାବିକ ଅପାର ସାହସ
ସାଗର ବୁକୁରେ ରଚି ଇତିହାସ
ବାଣିଜ୍ୟ ସାଥିରେ ସଂସ୍କୃତିର ବାଜା
ବିଶ୍ୱ ଦରବାରେ ଉତ୍କଳର ଧ୍ୱଜ । ॥
ଦୀପର ଶିଖାରେ ଶୁଭ ମନାସିବା
ପୂର୍ବ ପୁରୁଷଙ୍କ ଗାଥା ଶୁଣାଇବା
ନଈର ସୁଅରେ ବୋଇତଟି ଭାସୁ
ଉତ୍କଳ କୀରତି ଯୁଗେ ଯୁଗେ ବାସୁ ॥

ଅନୀମା ଦେହୁରୀ
ହାଇଦ୍ରାବାଦ
ମୋ: ୯୮୫୩୪୧୭୪୭୦

ନ ହେଲା ନାହିଁ

ନ ହେଲା ନାହିଁ
ବାସ ଫୁଲଟିଏ ଫୁଟିଲା ନାହିଁ
କୋଇଲି ଗୀତଟେ ରଟିଲା ନାହିଁ
ନିଦାଘ ବେଳରେ ବାଟୋଇଟି ପାଇଁ
ଡାଳ ପତରରେ ଦେବ ତ ଛାଇ !
ଯତନ ନେବା
ସବୁଜ ସୁନ୍ଦର ଗଢ଼ି ତୋଳିବା ॥
ସିଏ ପରା ଆମ ଜୀବନ ମଣି
ଅମଳଜାନକୁ ଯୋଗାଏ ଜାଣି
ପକ୍ଷୀମାନେ ବସି ନେଇ ବିରାମ
ରାତି ପାହିଗଲେ ଯାଆନ୍ତି କାମ
ତାଙ୍କରି ପାଇଁ
ସାରା ଜଗତଟା ରହିଛି ଜିଇଁ ॥
କାହାକୁ ନିରାଶ କରନ୍ତି ନାହିଁ
ଅମାପ ଶରଧା ଅଜାଡ଼ି ଦେଇ
ମନର ବ୍ୟଥାକୁ ମନେ ଲୁଚାଇ
ଠିଆ ହୋଇଛନ୍ତି ଜଗତ ପାଇଁ
ରଖିବା ମାନ
କାଠ, ଅଉଷଧ ତାଙ୍କରି ଦାନ ॥
ନ ହେଲା ନାହିଁ
ଦିଅଁଙ୍କ କାମରେ ନ ଲାଗୁ ସେଇ
ଶୀତଳ ପବନ ଦିଏ ବୁହାଇ
ସବୁଜ ସୁନ୍ଦର ଧରା କରଇ
ଆପଣା ହାତରେ
ନୂଆ ଗଛ ଆଣି ଦେବା ଲଗାଇ ॥

ଅନନ୍ତ କୁମାର ସେନାପତି
ବାଣ୍ଡୁପଡା, ରାଜଗାଙ୍ଗପୁର, ସୁନ୍ଦରଗଡ଼
ମୋ: ୯୪୩୭୫୮୦୬୮୬



ମୃଣାଳ
ନିର୍ମାଲ୍ୟ, VIP-21 ଲିଟିଲ ଓଡ଼ିଶା,
ଛତାବର, ଭୁବନେଶ୍ୱର
ମୋ: ୯୪୩୭୦୨୬୧୯୪

ଧନତେରସ ଓ ଝାଡୁ

ଦଶ ପନ୍ଦର ବର୍ଷ ତଳେ ଓଡ଼ିଶାରେ ଧନତେରସରେ ସୁନା ରୂପା କିଣିବାର ବ୍ୟାକୁଳତା ଏବଂ ଏହିଦିନ ତାହା କିଣିଲେ ଲକ୍ଷ୍ମୀ ଆସି ପରମାନେଣ୍ଟଲି ଘରେ ରହିବେ - ଏ ବିଶ୍ୱାସକୁ ଅଣ୍ଟି ଧନ କରିଥିବା ଲୋକଙ୍କ ସଂଖ୍ୟା ଖୁବ କମ ଥିଲା। ଧୀରେ ଧୀରେ 'ଦେଖାଶିଖା' ଆଉ 'ବିଜ୍ଞାପନ'ର ଡବଲ ଇଞ୍ଜିନ ପ୍ରଭାବରେ ତାହା ବଢ଼ିଲା। ଏଇ ଦୁଇ-ତିନି ବର୍ଷ ହେଲା ଦେଖୁଛି ସୁନା ସହିତ 'ଝାଡୁ' ଆଉ ଲୁଣ କିଣିବାର ଗୋଟେ ଟ୍ରେଣ୍ଡ ଭାଇରଲ ହେଲାଣି। ଲୋକେ ବୁଲି ବୁଲି ଖୋଜି ଖୋଜି ଝାଡୁ କିଣୁଛନ୍ତି। ଧନତେରସ ଦିନ ଝାଡୁ କିଣିଲେ କୁଆଡ଼େ ଘରକୁ ଧନ ମାଡ଼ିଆସିବ ! ମୋ ପତ୍ନୀ ବି ମୋତେ କହିଲେ, ହେଇଟି ସୁନା କିଣିବାର ଔକାତ ତ ତମର ହେଲାନି କି ହୋଇ ପାରିବନି - ଦି ' ଟ ।ଝାଡୁ ଆଉ କିଲେ ଲୁଣ ହେଲେ କିଣି ଆଣ। ଆଣିଲି। ଫୁଲ ଝାଡୁ ଦିଟା ଆଉ ଲୁଣର କିଲିକିଆ ପ୍ୟାକେଟଟି ଧରି ଏବେ ସେ ସ୍ୱପ୍ନ ଦେଖୁଛନ୍ତି - ଆମେ କେବେ ଅମ୍ବାନୀ - ଆଦାନି ହେବୁ !



ମୋ ମା'

ଆମ ଘରେ ମୋ ମା' ମୋତେ କେବେ ସକାଳେ ଗୁଡ-ମର୍ନିଙ୍ଗ, ଶୁଭ ସକାଳ ଏସବୁ କିଛି କହେନି। ସେ ସିଧା ଫ୍ୟାନଟା ଅଫ କରିଦିଏ। ଶୀତଦିନେ ତା'ର ଅଲଗା ଟେକନିକ। ଘୋଡ଼େଇଥିବା ରେଜେଇଟାକୁ ଟାଣି କାଢିଦିଏ।

ଛାତ ଉପରେ ପରିବା ବଗିଚା



ଆମେ ଗାଁରେ ଥାଉ ବା ସହରରେ - ପ୍ରତ୍ୟେକେ ନିଜ ଘରେ ଯେତିକି ସମ୍ଭବ ପରିବା ଉତ୍ପାଦନ କରିବା ଦରକାର। ଏହା କରିହେବ। ଆମେ ଆମ ବାରିରେ ପରିବା ଚାଷ କରିପାରିବା; ବାରି ନ ଥିଲେ ଘର ଛାତରେ କରି ପାରିବା, ଛାତ ନ ଥିଲେ ବ୍ୟାଲକୋନୀରେ କରି ପାରିବା, ରୋଷେଇଘର ଝରକା ଉପରେ କରି ପାରିବା। ଥିଲାବାଲା ଲୋକେ ଘର ସାମ୍ନାରେ ଘାସ ଲନ କରୁଛନ୍ତି। ତା'ବଦଳରେ ଶାଗ ଆଉ ପନି ପରିବା ଚାଷ କରି ପାରିବେ। ଏହା କେବଳ ସଉକରେ ବା ନିଜ ଘରର ପରିବା ଚାହିଦା କିଛି ପରିମାଣରେ ମେଣ୍ଟାଇବାକୁ ନୁହେଁ - ଘରେ, ବିଶେଷ କରି ସହରାଞ୍ଚଳ ଘରେ ପରିବାଚାଷର ଆହୁରି ଅନେକ ଉପଯୋଗିତା ଅଛି।

ପରିବେଶ ଐତିହାସିକ ପ୍ରଫେସର କେଟ ବ୍ରାଉନ ଗୋଟେ ବହି ଲେଖିଛନ୍ତି 'ଟାଇନି ଗାର୍ଡେନ୍ସ ଏଭ୍ରିୱେର୍: ଏ ହିଷ୍ଟ୍ରୀ ଅଫ ଅର୍ବାନ ରେଜିଲିଏନ୍ସ। ଏଇ ବର୍ଷ ବହିଟି ପ୍ରକାଶିତ ହୋଇଛି। ଏଥିରେ ସେ ସହରାଞ୍ଚଳ ବଗିଚା (Urban Gardening)ର ଐତିହାସିକ ପ୍ରେକ୍ଷାପଟ ଦେବା ସହିତ ତା'ର ସାମାଜିକ ପ୍ରଭାବକୁ ବିଶ୍ଳେଷଣ କରିଛନ୍ତି । ଏହି ପୁସ୍ତକରେ ଦର୍ଶାଯାଇଛି ଯେ ଘର ଅଗଣା କିମ୍ବା ଛୋଟ ଜାଗାରେ ଚାଷ କରିବା କେବଳ ଏକ ସଉକ ନୁହେଁ, ବରଂ ଏହା ମାନବ ଇତିହାସରେ ବଞ୍ଚି ରହିବା, ସାମୁଦାୟିକ ସ୍ଥିତିସ୍ଥାପକତା ଏବଂ ରାଜନୈତିକ ପ୍ରତିବାଦର ଏକ ଶକ୍ତିଶାଳୀ ମାଧ୍ୟମ ହୋଇ ରହିଆସିଛି।

ଲେଖିକା ବିଶ୍ୱର ବିଭିନ୍ନ ଦେଶର ଏବଂ ବିଭିନ୍ନ ସମୟର ଉଦାହରଣ ଦେଇଛନ୍ତି। ଊନବିଂଶ ଶତାବ୍ଦୀର ପ୍ୟାରିସ୍, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ବିକ୍ଟ୍ରି ଗାର୍ଡେନ୍ସ ଏବଂ ସୋଭିଏତ୍ ସମୟର ଏଷ୍ଟୋନିଆର କ୍ଷେତ୍ରଗୁଡ଼ିକୁ ଉପସ୍ଥାପନ କରିଛନ୍ତି। ସେ ଦର୍ଶାଇଛନ୍ତି କିପରି ସୀମିତ ସମ୍ବଳ ମଧ୍ୟରେ ଲୋକମାନେ ନିଜର ଖାଦ୍ୟ ନିଜେ ସଂସ୍ଥାନ କରି ସଂକଟ ସମୟର ମୁକାବିଲା କରିଥିଲେ। ଏଥିସହିତ, ସେ ଆଧୁନିକ ସହରୀ ନିୟମ ଓ 'ଲନ୍ ସଂସ୍କୃତି'କୁ ସମାଲୋଚନା କରିଛନ୍ତି, ଯାହା ପ୍ରାକୃତିକ ଖାଦ୍ୟ ଉତ୍ପାଦନକୁ ଅଣଦେଖା କରିଥାଏ। ଘରୋଇ ବଗିଚା କାମ (Home Gardening) ମଣିଷର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ, ବିଶେଷ କରି ବୟସ୍କମାନଙ୍କ ପାଇଁ ଏହା ଏକ ପ୍ରାକୃତିକ ଚିକିତ୍ସାର କାମ କରେ। ବିଭିନ୍ନ ବୈଜ୍ଞାନିକ ଗବେଷଣାରୁ ଏହାର ଅନେକ ସକାରାତ୍ମକ ପ୍ରମାଣ ମିଳିଛି।

'ଶେଷ ଶ୍ରାବଣ'ର ୫୦ ବର୍ଷ

ଓଡ଼ିଆ ଚଳଚ୍ଚିତ୍ର ଜଗତର ଇତିହାସରେ ୧୯୭୬ ମସିହାରେ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର 'ଶେଷ ଶ୍ରାବଣ' ଏକ ମାଇଲଖୁଣ୍ଟ। ପ୍ରଖ୍ୟାତ ଅଭିନେତା-ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶିତ ଏହି ସିନେମା ଓଡ଼ିଆ କଳା ଓ ସଂସ୍କୃତିକୁ ରୂପେଲି ପରଦାରେ ଅତି ସୁନ୍ଦର ଭାବେ ପ୍ରଦର୍ଶିତ କରିଥିଲା। ଏହାର କାହାଣୀ ଲେଖିଥିଲେ ବସନ୍ତ ମହାପାତ୍ର, ଚିତ୍ରନାଟ୍ୟ ଓ ଗୀତ ଲେଖିଥିଲେ ଶିବବ୍ରତ ଦାସ। ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ କରଙ୍କ ସ୍ୱର ସଂଯୋଜନାରେ 'ମାଝିରେ', 'କାଳୀ କପାଳୀ' ଭଳି ଗୀତ ଆଜି ବି ଓଡ଼ିଆ ଶ୍ରୋତାଙ୍କ ହୃଦୟରେ ଗୁଞ୍ଜରିତ ହୁଏ। 'ଶେଷ ଶ୍ରାବଣ'ର ଅବେଗିକ କାହାଣୀରେ ଓଡ଼ିଶାର ପାରମ୍ପରିକ ଗ୍ରାମ୍ୟ ଜୀବନ, ମାନବୀୟ ସମ୍ପର୍କ ଏବଂ ଭାବପ୍ରବଣତା ଅତି ଜୀବନ୍ତ ଭାବେ ଉପସ୍ଥାପିତ ହୋଇଥିଲା। ହେମନ୍ତ ଦାସ ଏବଂ ମହାଶ୍ୱେତା ରାୟଙ୍କ ଅଭିନୟ ଚଳଚ୍ଚିତ୍ରକୁ ଏକ ସ୍ୱତନ୍ତ୍ର ସ୍ତରକୁ ନେଇଯାଇଥିଲା। ଏ ଚଳଚ୍ଚିତ୍ର ସିନେ ଜଗତକୁ ନବାଗତା ମହାଶ୍ୱେତା ରାୟଙ୍କୁ 'ତାରକା' ସ୍ତରକୁ ନେଇ ଯାଇଥିଲା। 'ଶେଷ ଶ୍ରାବଣ' ଓଡ଼ିଶାରେ ସୁପରହିଟ୍ ହୋଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ହିନ୍ଦୀରେ 'ନଇୟା' ନାମରେ ତିଆରି କରାଯାଇଥିଲା।



ଗେମ୍ ଓଭର

ଏହା ଭିତରେ ଦିନେ ଭୁବନେଶ୍ୱରରୁ ସଡ଼କ ପଥରେ ପୁରୀ ଯାଉଥିଲି। ଭୁବନେଶ୍ୱର ଛାଡ଼ିଲା ପରେ ପୁରୀ ପହଁଚିଲା ଯାଏ, ବାଟରେ କଉଠି ଚାହା ଦୋକାନ କି ପାନ ଦୋକାନ ପାଇଲି ନାହିଁ। ସବୁ ଚାହା ଦୋକାନ 'ଟି ଷ୍ଟଲ' ହୋଇ ଯାଇଛି ଆଉ ସବୁ ପାନ ଦୋକାନ 'ବିଟିଲ ସପ' ହୋଇଯାଇଛି। ପିପିଲି ଟପିବା ପରେ ତେଇଶପୁର ପାଖରେ ଗୋଟେ ପାନ ଦୋକାନର ଫ୍ଲେକ୍ସ ସାଇନ ବୋର୍ଡ ଦେଖିଲି : ଦାଶିଆ ବାଉରୀ ବିଟିଲ ସପ। ଭକ୍ତ ଦାଶିଆ ବାଉରୀ କେବେ ଭାବିନଥିବ ତା ନାଁରେ ଦିନେ 'ବିଟିଲ ସପ' ଖୋଲିବ। ଏଥର ପୂଜାରେ ଯେଉଁ କେତୋଟି ଓଡ଼ିଆ ସିନେମା ମୁକ୍ତି ଲାଭ କରିଛି ତା' ନାଁ ଗୁଡ଼ିକ ଦେଖନ୍ତୁ। ଅଧିକାଂଶ ଇଂରାଜୀରେ। ଡେଞ୍ଜର ଦେବଦାସ, ମନଷ୍ଟର, ଏଡବ୍ଲୁଏମ୍ (ଅଗ୍ନି ୱେଡ୍ସ ମିନାଲ), ଗେମ୍ ଓଭର। ସାଧାରଣରେ ଏମିତି ଇଂରାଜୀ ଆଉ ହିନ୍ଦୀ ପ୍ରେମ କେବଳ ଯେ ଓଡ଼ିଶାରେ ଦେଖାଯାଉଛି ଆଉ ବଢୁଛି ତାହା ନୁହେଁ, ଅଧିକାଂଶ ଆଞ୍ଚଳିକ ଭାଷାରେ ଏ ପ୍ରବଣତା ଲକ୍ଷ୍ୟ କରାଯାଉଛି। ଭାଷା କ୍ଷେତ୍ରରେ ଶୁଚିବାୟୁଗ୍ରସ୍ତ ହେବା ଠିକ ନୁଁହ, କିନ୍ତୁ ପୂରା ବେଫିକର ହେବା ବି ଉଚିତ ନୁହେଁ।

ସମସ୍ୟା

ଅକ୍ଟୋବର ଯାଇ ନଭେମ୍ବର ମଝାମଝି ହେଲାଣି। ଦୁର୍ଗା ପୂଜା, କାଳୀପୂଜା ଯାଇ କାର୍ତ୍ତିକ ପୂଜା ଆସିଲାଣି, ଦି ଦିଟା ବାତ୍ୟାରେ ଅଧା ଓଡ଼ିଶା ଉବୁଟୁବୁ ହୋଇ ଗଲାଣି, ଗରମ କିନ୍ତୁ କମୁନି। ଶରତ ଋତୁ ପରେ ପରେ ଗରମ କ୍ରମଶଃ କମିବା କଥା। ଶରତ ଯାଇ ହେମନ୍ତ ଆସି ଅଧା ହେଲାଣି; ହେଲେ ଏବକୁ ଅନେକ ହେବା କଥା ନ ହେବା ଆଉ ନ ହେବା କଥା ହେବା ଭଳିଆ ଗରମ କମୁନି। କେହି ଏହାକୁ ବିଶ୍ୱ ଉଷ୍ମକରଣର ପ୍ରଭାବ ବୋଲି କହୁଛନ୍ତି, କେହି କହୁଛନ୍ତି ଏହା ହେଲା କଳିକାଳ ସରିବାର ସୂଚନା। ମୋର ସମସ୍ୟା ହେଲା, ଦୁର୍ଗା ପୂଜା ବେଳେ ରିହାତି ପାଇ ଯେଉଁ ସ୍ୱେଟର ଆଉ କୋଟ୍ କିଣିଛି, ତାକୁ ପିନ୍ଧିବି କେବେ ?







ସ୍ମାର୍ଟ ବଏ

ଆଜିକାଲି ଛୋଟ ପୁଅମାନଙ୍କ ପାଇଁ କାଜୁଆଲ୍ ପୋଷାକ ଚୟନ କରିବା ସମୟରେ ବାପା-ମା' ଅଧିକ ସଚେତନ ହେଉଛନ୍ତି । ପିଲାମାନେ ନିଜ ପସନ୍ଦ ଓ ଆରାମଦାୟକ ପୋଷାକ ପିନ୍ଧିବାକୁ ଅଧିକ ପ୍ରାଧାନ୍ୟ ଦେଉଥିବାରୁ ତାଙ୍କୁ ମନାଇବା ଅଭିଭାବକଙ୍କ ପାଇଁ ଟିକିଏ କଷ୍ଟକର ହୋଇଥାଏ । ତେବେ ଆସନ୍ତୁ ଜାଣିବା ଏଭଳି କିଛି ପୋଷାକ ସମ୍ପର୍କରେ ଯାହା ପିଲାଙ୍କୁ ପସନ୍ଦ ଆସିବା ସହିତ ଷ୍ଟାଇଲିସ ଏବଂ ଆରାମଦାୟକ ହୋଇଥାଏ ।

ପ୍ରିଣ୍ଟେଡ୍ ଟି-ସାର୍ଟ ଏବଂ ସର୍ଟସ୍

ଛୋଟ ପୁଅମାନଙ୍କ ପାଇଁ ପ୍ରିଣ୍ଟେଡ୍ ଟି-ସାର୍ଟ ଏବଂ ସର୍ଟସ୍ ଅତ୍ୟନ୍ତ ଆକର୍ଷଣୀୟ ଓ ଉପଯୋଗୀ ହୋଇଥାଏ । ଖେଳକୁଦ ସମୟରେ ସୁତା ସର୍ଟସ୍ ଏବଂ ସ୍ନିକର୍ସ କିମ୍ବା ସ୍ପୋର୍ଟସ୍ ଶୁ' ସହିତ ଏହାକୁ ପିନ୍ଧାଇଲେ ପିଲାମାନଙ୍କୁ ସ୍ମାର୍ଟ ଲୁକ୍ ମିଳିଥାଏ । ଏଗୁଡିକୁ ପିଲାଙ୍କୁ ମଧ୍ୟ ଖୁବ ପସନ୍ଦ ଆସିଥାଏ ।

ପୋଲୋ ନେକ୍ ଟି-ସାର୍ଟ ସହ ପ୍ୟାଣ୍ଟ୍

ବିଭିନ୍ନ ଡିଜାଇନ୍ ଓ ପ୍ରିଣ୍ଟରେ ଉପଲବ୍ଧ ପୋଲୋ ନେକ୍ ଟି-ସାର୍ଟ ସହିତ ଖାକି ପ୍ୟାଣ୍ଟ୍ କିମ୍ବା ଟ୍ରାଉଜର ସ୍କୁଲ୍ କାର୍ଯ୍ୟକ୍ରମ ଏବଂ ଖରାଦିନ ପାଇଁ ଏକ ଉତ୍କୃଷ୍ଟ ଆଉଟଫିଟ୍ । ଏହା ସହିତ ଏକ ସୁନ୍ଦର ହେୟାରଷ୍ଟାଇଲ୍ ପିଲାଙ୍କୁ କୁଲ ଲୁକ୍ ଦେଇଥାଏ ।

ଡେନିମ୍ ଜାକେଟ୍

ସବୁ ଅବସର ପାଇଁ ଡେନିମ୍ ଜାକେଟ୍ ଏକ ସଦାସର୍ବଦା ଲୋକପ୍ରିୟ ପୋଷାକ । ଟି - ସାର୍ଟ ଉପରେ ଏକ ଗ୍ରଞ୍ଜ୍ କିମ୍ବା ଷ୍ଟିକର୍ ଥିବା ଡେନିମ୍ ଜାକେଟ୍ ପିନ୍ଧାଇ ସଫି କିମ୍ବା ବୁଲାବୁଲି ପାଇଁ ନେଇପାରିବେ । ୬ ରୁ ୧୫ ବର୍ଷର ଶିଶୁ ଏବଂ କିଶୋରମାନଙ୍କ ମଧ୍ୟରେ ଏହି ଷ୍ଟାଇଲ୍‌ର ବହୁତ ଚାହିଦା ରହିଛି ।

ଷ୍ଟାଇଲିସ୍ ଚେକ୍ ସାର୍ଟ

ଗରମରୁ ରକ୍ଷା ପାଇବା ସହ ଆରାମଦାୟକ ଓ ଫ୍ୟାଶନେବୁଲ୍ ଲୁକ୍ ପାଇଁ ଚେକ୍ ସାର୍ଟ ଖୁବ ଭଲ ଅପସନ ହୋଇଥାଏ । ଲାଲ୍, ନୀଳ, ଏବଂ ଗୋଲାପୀ ରଙ୍ଗର ଚେକ୍ ସାର୍ଟକୁ ପସନ୍ଦର ବଟମ୍ - ୱେୟାର ସହ ମ୍ୟାଚ୍ କରି ପିନ୍ଧାଯାଇପାରିବ ।





କାର୍ଟୁନ୍ ଓ ଗ୍ରାଫିକ୍ ପ୍ରିଣ୍ଟେଡ୍ ଟି-ସାର୍ଟ

ଛୋଟ ପିଲାମାନେ ନିଜ ପସନ୍ଦର କାର୍ଟୁନ୍ କ୍ୟାରେକ୍ଟର୍ ଥିବା ଟି - ସାର୍ଟ ପିନ୍ଧିବାକୁ ଖୁବ୍ ଭଲପାଆନ୍ତି । ଏହାକୁ ସୋର୍ଟସ୍ କିମ୍ବା କ୍ୟାମୋ ପ୍ୟାଣ୍ଟ୍ ସହ ପିନ୍ଧାଇଲେ ଏହା ପିଲାଙ୍କୁ ଏକ ଟ୍ରେଣ୍ଡି ଏବଂ ଆନନ୍ଦଦାୟକ ଲୁକ୍ ପ୍ରଦାନ କରେ ।

ଟ୍ରେଣ୍ଡି ସର୍ଟସ୍

ଗ୍ରୀଷ୍ମ ଋତୁରେ ପିଲାମାନଙ୍କୁ ସହଜରେ ଚଳପ୍ରଚଳ ଓ ଖେଳକୁଦ କରିବା ପାଇଁ ଡେନିମ୍, କ୍ୟାମୋ, ଏବଂ କଟନ୍ ସର୍ଟସ୍ ଅତ୍ୟନ୍ତ ଉପଯୋଗୀ । ଛୁଟିଦିନଗୁଡ଼ିକରେ ଟି-ସାର୍ଟ ଓ ସ୍ପୋର୍ଟସ୍ ଜୋତା ସହିତ ଏହା ଏକ ସ୍ମାର୍ଟ ଲୁକ୍ ଦେଇଥାଏ ।



ଆଇ ମା ପେଡିରେ ଥିବା ନୀତିଶିକ୍ଷା ଗପ ସବୁବେଳେ ଆମକୁ ଜୀବନରେ ଆଗକୁ ଯିବାକୁ ଶକ୍ତି ଦେଇଥାଏ । ଜୀବନରେ କିଭଳି ଅନ୍ୟର ଅନିଷ୍ଟ ନକରି ସୁରୁଖୁରୁରେ ଆଗକୁ ବଢିହେବ ସେନେଇ ଏହି ଗପ ମାନଙ୍କରୁ ଶିକ୍ଷା ମିଳିଥାଏ ।

ଲୋଭୀ ଭାଇ

ଗୋଟିଏ ଗାଁରେ ଦୁଇ ଭାଇ ରହୁଥିଲେ । ବଡ଼ ଭାଇର ନାଁ ଥିଲା ବିନୋଦ ଏବଂ ସାନ ଭାଇର ନାଁ ଥିଲା ସୁନୀଲ । ଦୁଇ ଭାଇଙ୍କ ସ୍ୱଭାବରେ ଆକାଶ ପାତାଳ ପାର୍ଥକ୍ୟ ଥିଲା । ସୁନୀଲ ଥିଲା ଅତି ଭଦ୍ର, ପରିଶ୍ରମୀ ଏବଂ ସଚ୍ଚୋଟ । ଯାହା ରୋଜଗାର କରୁଥିଲା, ସେଥିରେ ସନ୍ତୁଷ୍ଟ ରହି ପରିବାର ଚଳାଉଥିଲା । ମାତ୍ର ବଡ଼ ଭାଇ ବିନୋଦ ଥିଲା ଅତ୍ୟନ୍ତ ଲୋଭୀ ଏବଂ ଅଳସୁଆ । ସେ ସବୁବେଳେ କମ୍ ପରିଶ୍ରମରେ କିପରି ଅଧିକରୁ ଅଧିକ ଧନ, ସୁନା ଏବଂ ମୂଲ୍ୟବାନ ଜିନିଷ ପାଇବ, ସେହି ଚିନ୍ତାରେ ରାତିଦିନ ଏକ କରିଦେଉଥିଲା । ବିନୋଦର ଏହି ଅତ୍ୟଧିକ ଲୋଭ ଯୋଗୁଁ ଘରେ ପ୍ରତିଦିନ ଅଶାନ୍ତି ଲାଗି ରହୁଥିଲା । ଦିନେ ଗ୍ରାମର ଜଣେ ବୃଦ୍ଧ ସାଧୁ ସେହି ଗାଁକୁ ଆସିଲେ`ସେ ସୁନୀଲର ସଚ୍ଚୋଟତା ଏବଂ ସେବାଭାବ ଦେଖି ଅତ୍ୟନ୍ତ ପ୍ରସନ୍ନ ହେଲେ । ସାଧୁଜଣକ ସୁନୀଲକୁ ଗୋଟିଏ ଚମତ୍କାର ମାଳି ଦେଇ





କହିଲେ, "ବତ୍ସ! ଏହା ଏକ ଯାଦୁକରୀ ମାଳି । ଯେତେବେଳେ ତୁମେ ଏହି ମାଳିକୁ ଧରି ଭଲ କାମ ପାଇଁ କିମ୍ବା ଆବଶ୍ୟକତା ପୂରଣ ପାଇଁ ଇଚ୍ଛା କରିବ, ସେତେବେଳେ ତୁମର ସେହି ଇଚ୍ଛା ପୂର୍ଣ୍ଣ ହେବ । କିନ୍ତୁ ମନେ ରଖିବ, ଲୋଭର ବଶବର୍ତ୍ତୀ ହୋଇ ଏହାର ଦୁରୁପଯୋଗ କଲେ ଏହାର ପ୍ରଭାବ ଓଲଟା ହୋଇଯିବ ।" ସୁନୀଲ ସେହି ମାଳିଟିକୁ ଆଣି ଘରେ ରଖିଲା ଏବଂ ସଚ୍ଚୋଟତାର ସହ ନିଜ ପରିବାରର ଛୋଟମୋଟ ଆବଶ୍ୟକତା ପୂରଣ କଲା । ମାତ୍ର କିଛିଦିନ ପରେ ବିନୋଦ କୌଣସି ସୂତ୍ରରୁ ଏହି ଯାଦୁକରୀ ମାଳି କଥା ଜାଣିବାକୁ ପାଇଲା । ତା'ର ଲୋଭୀ ମନରେ ପାଗଳାମୀ ଆରମ୍ଭ ହୋଇଗଲା । ସେ ଭାବିଲା, "ଏହି ମାଳି ଯଦି ମୋ ପାଖରେ ରହିବ, ତେବେ ମୁଁ ସମଗ୍ର ଗାଁର ସବୁଠାରୁ ଧନୀ ବ୍ୟକ୍ତି ହୋଇଯିବି । ମୋତେ ଆଉ କେବେ କାମ କରିବାକୁ ପଡ଼ିବ ନାହିଁ।" ଏକଦା ରାତିରେ ଯେତେବେଳେ ସମସ୍ତେ ଶୋଇଥିଲେ, ବିନୋଦ ଚୁପଚାପ ଯାଇ ସେହି ଯାଦୁକରୀ ମାଳିଟିକୁ ଚୋରି କରି ନିଜ ପାଖରେ ଲୁଚାଇ ରଖିଲା । ପରଦିନ ସକାଳେ ସେ ମାଳିକୁ ହାତରେ ଧରି ଚିତ୍କାର କରି କହିବାକୁ ଲାଗିଲା "ମୋତେ ଗୋଟିଏ ସୁନା ରଥ ଦରକାର, ମୋତେ ପାହାଡ଼ ପରି ଧନସମ୍ପତ୍ତି ଏବଂ ମହଲ ଦରକାର!" ତା'ର ଇଚ୍ଛା ମାତ୍ରେ ସେଠାରେ ସୁନା ଏବଂ ଧନର ପାହାଡ ସୃଷ୍ଟି ହେଲା । ବିନୋଦର ଖୁସିର ସୀମା ରହିଲା ନାହିଁ । କିନ୍ତୁ ଲୋଭ ଏପରି ଏକ ବ୍ୟାଧି, ଯାହା ଯେତିକି ମିଳେ ସେତିକି ବଢ଼ିଥାଏ । ବିନୋଦର ଲୋଭ ଆହୁରି ବଢ଼ିଗଲା । ସେ ପୁଣି ଥରେ ଆହୁରି ଅଧିକ ଧନ ଏବଂ ରାଜମହଲ ଠାରୁ ମଧ୍ୟ ବଡ଼ ଭବନ ମାଗିବାକୁ ଲାଗିଲା । ଶେଷରେ, ସାଧୁଙ୍କ ଚେତାବନୀ ଅନୁଯାୟୀ, ଯାଦୁକରୀ ମାଳିର ଶକ୍ତି ଓଲଟା କାମ କରିବାକୁ ଲାଗିଲା । ବିନୋଦ ଯେତେ ଅଧିକ ଧନ ମାଗିଲା, ସେତେ ଅଧିକ ବିପର୍ଯ୍ୟୟ ଘଟିଲା । ତା'ର ସମସ୍ତ ସୁନା, ରୂପା ଏବଂ ମହଲ ମିନିଟକ ଭିତରେ ପାଉଁଶ ଏବଂ ଧୂଳିରେ ପରିଣତ ହୋଇଗଲା । ଏପରିକି ଲୋଭର ଅତିମାତ୍ରା ଯୋଗୁଁ ସେ ପୂର୍ବରୁ ଯାହା ପାଖରେ ଥିଲା, ତାହା ମଧ୍ୟ ହରାଇ ବସିଲା । ସକାଳ ହେଲା ବେଳକୁ ବିନୋଦ ଦେଖିଲା ଯେ ତା'ର ସବୁକିଛି ନଷ୍ଟ ହୋଇଯାଇଛି ଏବଂ ସେ ପୁଣି ପୂର୍ବପରି ଖାଲି ହାତରେ ରହିଯାଇଛି । ତା'ର ଭୁଲ୍ ସେ ବୁଝିପାରିଲା, କିନ୍ତୁ ସେତେବେଳକୁ ବହୁତ ଡେରି ହୋଇସାରିଥିଲା । ଏହି କାହାଣୀ ଆମ୍ଭମାନଙ୍କୁ ଶିକ୍ଷା ଦିଏ ଯେ, "ଲୋଭ ପାପ, ପାପର ମୃତ୍ୟୁ" । ଜୀବନରେ ପରିଶ୍ରମ ଏବଂ ସଚ୍ଚୋଟତା ହିଁ ପ୍ରକୃତ ଧନ । ଅତ୍ୟଧିକ ଲୋଭ ମଣିଷକୁ ସର୍ବସ୍ୱାନ୍ତ କରିଦେଇଥାଏ ।

ଭାରତୀୟ କ୍ରୀଡ଼ାର ଅନନ୍ୟ ପରିଚୟ

"ତୁମର ସ୍ୱପ୍ନ ହିଁ ତୁମର ସ୍ୱତନ୍ତ୍ର ପରିଚୟ । ଏହାର ଶକ୍ତି ତୁମକୁ ଡେଣା ଦେଇପାରେ ଏବଂ ଉଚ୍ଚକୁ ଉଡ଼ିବାର ସାହସ ଯୋଗାଇପାରେ ।" ପି.ଭି. ସିନ୍ଧୁଙ୍କ ଏହି ଚିନ୍ତାଧାରା ତାଙ୍କ ନିଜ ଜୀବନଯାତ୍ରାର ଏକ ପ୍ରତିଫଳନ । ସାଧାରଣ ଏକ ଝିଅରୁ ବିଶ୍ୱ ବ୍ୟାଡମିଣ୍ଟନ୍ର ଶୀର୍ଷସ୍ଥାନ ପର୍ଯ୍ୟନ୍ତ ପହଞ୍ଚିବାର ଯାତ୍ରାରେ ସେ ଅନେକ ବାଧା, ପରାଜୟ ଓ ଚ୍ୟାଲେଞ୍ଜର ସାମ୍ନା କରିଛନ୍ତି । କିନ୍ତୁ ହାର ମାନିବା ପରିବର୍ତ୍ତେ ପ୍ରତ୍ୟେକ ବିଫଳତାକୁ ସଫଳତାର ସିଡ଼ି କରିଛନ୍ତି । ଆଜି ସେ କେବଳ ଜଣେ ବ୍ୟାଡମିଣ୍ଟନ୍ ଖେଳାଳି ନୁହନ୍ତି, ବରଂ ଭାରତୀୟ କ୍ରୀଡ଼ା ଜଗତର ଏକ ପ୍ରେରଣାଦାୟୀ ନାମ ।

୧୯୯୫ ଜୁଲାଇ ୫ ତାରିଖରେ ହାଇଦ୍ରାବାଦରେ ଜନ୍ମଗ୍ରହଣ କରିଥିଲେ ପୁସର୍ଲା ଭେଙ୍କଟ ସିନ୍ଧୁ । ତାଙ୍କ ପିତା ପି.ଭି. ରମଣ ଓ ମା' ପି. ବିଜୟା ଉଭୟେ ଜାତୀୟ ସ୍ତରର ଭଲିବଲ୍ ଖେଳାଳି ଥିଲେ । ପିତା ରମଣ ଭାରତୀୟ ଭଲିବଲ୍ ଦଳର ସଦସ୍ୟ ଭାବେ ୧୯୮୬ ସିଓଲ୍ ଏସୀୟ କ୍ରୀଡ଼ାରେ କାଂସ୍ୟ ପଦକ ଜିତିଥିଲେ । କ୍ରୀଡ଼ା ପ୍ରତି ଏହି ପରିବାରର ଆଗ୍ରହ ଓ ଶୃଙ୍ଖଳା ସିନ୍ଧୁଙ୍କ ପିଲାଦିନରୁ ତାଙ୍କୁ ପ୍ରଭାବିତ କରିଥିଲା । ସିନ୍ଧୁଙ୍କ ପ୍ରାରମ୍ଭିକ ଶିକ୍ଷା ହାଇଦ୍ରାବାଦର ଅକ୍ସିଲିୟମ୍ ହାଇସ୍କୁଲରେ ହୋଇଥିଲା । ପରେ ସେ ସେଣ୍ଟ ଆନ୍ସ କଲେଜ ଫର୍ ଓମେନରେ ଅଧ୍ୟୟନ କରିଥିଲେ । ପିଲାଦିନେ ତାଙ୍କର ଲକ୍ଷ୍ୟ ଡାକ୍ତର ହେବା ଥିଲା । କିନ୍ତୁ ଖେଳ ପ୍ରତି ଆକର୍ଷଣ ତାଙ୍କୁ ଅନ୍ୟ ଏକ ଦିଗକୁ ନେଇଗଲା । ସିନ୍ଧୁଙ୍କ ବ୍ୟାଡମିଣ୍ଟନ୍ ଯାତ୍ରା ଆରମ୍ଭ ହୋଇଥିଲା ମାତ୍ର ଆଠ ବର୍ଷ ବୟସରେ । ୨୦୦୧ରେ ଅଲ୍ ଇଂଲଣ୍ଡ ଚାମ୍ପିଅନ୍ ହୋଇଥିବା ପୁଲେଲା ଗୋପୀଚନ୍ଦଙ୍କ ସଫଳତା ତାଙ୍କୁ ଏହି ଖେଳ ପ୍ରତି ଆକର୍ଷିତ କରିଥିଲା । ସିକନ୍ଦରାବାଦସ୍ଥିତ ଭାରତୀୟ ରେଳବାଇ ସିଗ୍ନାଲ୍ ଇଞ୍ଜିନିୟରିଂ







ଓ ଟେଲିକମ୍ୟୁନିକେସନ୍ ପ୍ରତିଷ୍ଠାନର ବ୍ୟାଡମିଣ୍ଟନ୍ କୋର୍ଟରେ ମେହବୁବ ଅଲ୍ଲୀଙ୍କଠାରୁ ସେ ଖେଳର ମୌଳିକ କୌଶଳ ଶିଖିଥିଲେ। ପରେ ଗୋପୀଚାନ୍ଦ ବ୍ୟାଡମିଣ୍ଟନ୍ ଏକାଡେମୀରେ ତାଙ୍କ ପ୍ରଶିକ୍ଷଣ ତାଙ୍କ ଖେଳ ଜୀବନକୁ ନୂଆ ଦିଗ ଦେଇଥିଲା। ପ୍ରତିଦିନ ଅଭ୍ୟାସ ପାଇଁ ସେ ପ୍ରାୟ ୫୬ କିଲୋମିଟର ଯାତ୍ରା କରୁଥିଲେ। ପାଠପଢ଼ା ସହ ନିୟମିତ ଅଭ୍ୟାସକୁ ସମାନ ଗୁରୁତ୍ୱ ଦେବା ତାଙ୍କ ପାଇଁ ସହଜ ନଥିଲା। ତଥାପି ସେ ନିଜ ସମୟକୁ ଶୃଙ୍ଖଳିତ ଭାବେ ବାଣ୍ଟି ନେଇଥିଲେ।

ଗୋପୀଚାନ୍ଦଙ୍କ ଭୂମିକା

ସିନ୍ଧୁଙ୍କ ସଫଳତା ପଛରେ ତାଙ୍କ ନିଜ ପରିଶ୍ରମ ସହ ପ୍ରଶିକ୍ଷକ ଗୋପୀଚାନ୍ଦଙ୍କ ଅବଦାନ ମଧ୍ୟ ଉଲ୍ଲେଖନୀୟ। ତାଙ୍କ ଖେଳରେ ଉନ୍ନତି ଆଣିବା ପାଇଁ ଗୋପୀଚାନ୍ଦ ଖାଦ୍ୟପେୟ, ବ୍ୟାୟାମ, ଅଭ୍ୟାସ ଓ ଦୈନନ୍ଦିନ ଜୀବନଶୈଳୀ ନେଇ କଠୋର ନିୟମ କରିଥିଲେ। ପ୍ରାରମ୍ଭିକ ସଫଳତା ପରେ ତାଙ୍କୁ ପରାଜୟର ସାମ୍ନା ମଧ୍ୟ କରିବାକୁ ପଡ଼ିଥିଲା। କିନ୍ତୁ ସେହି ପରାଜୟ ତାଙ୍କ ମନୋବଳ ଭାଙ୍ଗିପାରିନଥିଲା। ପ୍ରତ୍ୟେକ ମ୍ୟାଚରୁ ଶିଖିବା, ନିଜ ଦୁର୍ବଳତା ଚିହ୍ନଟ କରିବା ଓ ପୁଣି ଅଭ୍ୟାସକୁ ଫେରିବା ତାଙ୍କ ଅଭ୍ୟାସରେ ପରିଣତ ହୋଇଥିଲା। ତାଙ୍କ ମା'ଙ୍କ କହିବା ଅନୁସାରେ, ସିନ୍ଧୁ ନିଜ ଲକ୍ଷ୍ୟ ପ୍ରତି ଆରମ୍ଭରୁ ଦାୟିତ୍ୱବାନ ଥିଲେ। ଅଭ୍ୟାସକୁ ଯିବା ପୂର୍ବରୁ ସେ ନିଜ ପାଠପଢ଼ା କାମ ସାରିଦେଉଥିଲେ।

ଅନ୍ତର୍ଜାତୀୟ ମଞ୍ଚରେ ପ୍ରଥମ ପଦକ୍ଷେପ

୨୦୦୯ରେ କଲମ୍ବୋରେ ଆୟୋଜିତ ସବ୍-ଜୁନିୟର ଏସୀୟ ବ୍ୟାଡମିଣ୍ଟନ୍ ଚାମ୍ପିୟନ୍ସିପରେ କାଂସ୍ୟ ପଦକ ଜିତି ସିନ୍ଧୁ ନିଜ ଅନ୍ତର୍ଜାତୀୟଯାତ୍ରାରେ ପ୍ରଥମ ଉଲ୍ଲେଖନୀୟ ସଫଳତା ପାଇଥିଲେ। ପରେ ଜୁନିୟର ଓ ସିନିୟର ସ୍ତରରେ ତାଙ୍କ ପ୍ରଦର୍ଶନ ଉନ୍ନତ ହୋଇଥିଲା। ୨୦୧୩ ଓ ୨୦୧୪ ବିଶ୍ୱ ବ୍ୟାଡମିଣ୍ଟନ୍ ଚାମ୍ପିୟନ୍ସିପ୍ରେ କାଂସ୍ୟ ପଦକ ଜିତି ସେ ଭାରତୀୟ ବ୍ୟାଡମିଣ୍ଟନରେ ନିଜ ସ୍ଥାନ ମଜଭୁତ କରିଥିଲେ। ୨୦୧୬ ରିଓ ଅଲିମ୍ପିକ୍ସ ତାଙ୍କ କ୍ୟାରିୟରର ଏକ ବଡ଼ ମୋଡ଼ ଥିଲା। ମହିଳା ଏକକ ଫାଇନାଲରେ ସ୍ପେନର କାରୋଲିନା ମାରିନଙ୍କଠାରୁ ହାରିଥିଲେ ମଧ୍ୟ ସିନ୍ଧୁ ରୌପ୍ୟ ପଦକ ଜିତିଥିଲେ। ଏହା ସହ ସେ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିବା ପ୍ରଥମ ଭାରତୀୟ ମହିଳା ବ୍ୟାଡମିଣ୍ଟନ୍ ଖେଳାଳି ହୋଇଥିଲେ। ଏହି ସଫଳତା ତାଙ୍କୁ ଦେଶର ଘରେ ଘରେ ପରିଚିତ କରାଇଥିଲା।

୨୦୧୭ ଓ ୨୦୧୮ ବିଶ୍ୱ ଚାମ୍ପିୟନ୍ସିପରେ ଲଗାତାର ଦୁଇଥର ଫାଇନାଲରେ ପହଞ୍ଚି ସେ ରୌପ୍ୟ ପଦକ ଜିତିଥିଲେ। ୨୦୧୮ ଜାକର୍ତ୍ତା ଏସୀୟ କ୍ରୀଡ଼ାରେ ମହିଳା ଏକକରେ ରୌପ୍ୟ ପଦକ ତାଙ୍କ ଅନ୍ୟ ଏକ ଉଲ୍ଲେଖନୀୟ ସଫଳତା। ଏହା ପରେ ୧୬ ଡିସେମ୍ବର ୨୦୧୮ ରେ ଗୁଆନଝୌଠାରେ ଆୟୋଜିତ ବିଶ୍ୱ ଟୁର୍ ଫାଇନାଲ୍ସ ଜିତି ସେ ପ୍ରଥମ ଭାରତୀୟ ଭାବେ ଏହି ମର୍ଯ୍ୟାଦାଜନକ ଟୁର୍ଣ୍ଣାମେଣ୍ଟର ମହିଳା ଏକକ ଟାଇଟଲ୍ ହାସଲ କରିଥିଲେ।

ବିଶ୍ୱ ବିଜୟିନୀ ମୁକୁଟ

ସିନ୍ଧୁଙ୍କ କ୍ୟାରିୟରର ସବୁଠାରୁ ସ୍ମରଣୀୟ ଦିନ ଥିଲା ୨୫ ଅଗଷ୍ଟ ୨୦୧୯। ସ୍ୱିଜରଲ୍ୟାଣ୍ଡର ବାସେଲରେ ଆୟୋଜିତ ବିଶ୍ୱ ବ୍ୟାଡମିଣ୍ଟନ୍ ଚାମ୍ପିୟନ୍ସିପ୍ ଫାଇନାଲରେ ସେ ଜାପାନର ନୋଜୋମି ଓକୁହାରାଙ୍କୁ ସିଧାସଳଖ ଗେମରେ ପରାସ୍ତ କରିଥିଲେ। ଏହି ବିଜୟ ସହ ସେ ବିଶ୍ୱ ଚାମ୍ପିୟନ୍ ହୋଇଥିବା ପ୍ରଥମ ଭାରତୀୟ ବ୍ୟାଡମିଣ୍ଟନ୍ ଖେଳାଳି ହୋଇଥିଲେ। ଏହି ବିଜୟ ପରେ ସିନ୍ଧୁଙ୍କ ନାମ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଆହୁରି ଉଜ୍ଜ୍ୱଳ ହୋଇଥିଲା। ବିଶ୍ୱ ଚାମ୍ପିୟନ୍ସିପରେ ତାଙ୍କ ପଦକ ସଂଖ୍ୟା ପାଞ୍ଚରେ ପହଞ୍ଚିଥିଲା। ଗୋଟିଏ ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଓ ଦୁଇଟି କାଂସ୍ୟ। ଏହି ଉପଲବ୍ଧି ତାଙ୍କୁ ଭାରତର ସବୁଠାରୁ ସଫଳ ବ୍ୟାଡମିଣ୍ଟନ୍ ଖେଳାଳିଙ୍କ ମଧ୍ୟରେ ସ୍ଥାନ ଦେଇଛି। ରିଓରେ ରୌପ୍ୟ ପଦକ ଜିତିବା ପରେ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ସିନ୍ଧୁ ନିଜ ପ୍ରତିଭାର ପ୍ରମାଣ ଦେଇଥିଲେ। ୨୦୨୧ରେ ଆୟୋଜିତ ଟୋକିଓ ଅଲିମ୍ପିକ୍ସର ମହିଳା ଏକକ ବ୍ୟାଡମିଣ୍ଟନରେ ସେ କାଂସ୍ୟ ପଦକ ଜିତିଥିଲେ। ଏହା ସହ ସେ ଲଗାତାର ଦୁଇଟି ଅଲିମ୍ପିକ୍ସରେ ପଦକ ଜିତିଥିବା ପ୍ରଥମ ଭାରତୀୟ ମହିଳା ଖେଳାଳି ହୋଇଥିଲେ। ରିଓର ରୌପ୍ୟ ଓ ଟୋକିଓର କାଂସ୍ୟ ତାଙ୍କୁ ଭାରତର ଦୁଇ ଅଲିମ୍ପିକ୍ ପଦକ ବିଜୟିନୀ ଖେଳାଳି ଭାବେ ପରିଚିତ କରାଇଛି। ୨୦୨୨ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମହିଳା ଏକକରେ ସ୍ୱର୍ଣ୍ଣ ପଦକ ଜିତିବା ତାଙ୍କ ସଫଳତା ତାଲିକାରେ ଆଉ ଏକ ଗୌରବମୟ ଅଧ୍ୟାୟ ଯୋଡ଼ିଥିଲା। ଏହା ପୂର୍ବରୁ ୨୦୧୮ରେ ସେ ଏହି ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତିଥିଲେ। ୨୦୨୪ରେ ଭାରତୀୟ ମହିଳା ଦଳ ବ୍ୟାଡମିଣ୍ଟନ୍ ଏସିଆ ଟିମ୍ ଚାମ୍ପିୟନ୍ସିପ୍ରେ ପ୍ରଥମଥର ସ୍ୱର୍ଣ୍ଣ ଜିତିଥିବା ଦଳରେ ମଧ୍ୟ ସିନ୍ଧୁ ସାମିଲ ଥିଲେ।

ପ୍ରମୁଖ ସଫଳତା

- ୨୦୧୬ ରିଓ ଅଲିମ୍ପିକ୍ସ – ରୌପ୍ୟ ପଦକ
- ୨୦୨୦ ଟୋକିଓ ଅଲିମ୍ପିକ୍ସ – କାଂସ୍ୟ ପଦକ
- ୨୦୧୯ ବିଶ୍ୱ ବ୍ୟାଡମିଣ୍ଟନ୍ ଚାମ୍ପିୟନ୍ସିପ୍ – ସ୍ୱର୍ଣ୍ଣ ପଦକ
- ୨୦୧୭ ଓ ୨୦୧୮ ବିଶ୍ୱ ଚାମ୍ପିୟନ୍ସିପ୍ – ରୌପ୍ୟ ପଦକ
- ୨୦୧୩ ଓ ୨୦୧୪ ବିଶ୍ୱ ଚାମ୍ପିୟନ୍ସିପ୍ – କାଂସ୍ୟ ପଦକ
- ୨୦୧୮ ବିଶ୍ୱ ଟୁର୍ ଫାଇନାଲ୍ସ – ଚାମ୍ପିୟନ୍
- ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା – ସ୍ୱର୍ଣ୍ଣ ପଦକ
- ୨୦୨୬ ଜାପାନ ଓପନ୍ – ଚାମ୍ପିୟନ୍
- ୨୦୨୬ ହାଇଲୋ ଓପନ୍ – ଚାମ୍ପିୟନ

ପ୍ରମୁଖ ସମ୍ମାନ

- ଅର୍ଜୁନ ପୁରସ୍କାର – ୨୦୧୩
- ପଦ୍ମଶ୍ରୀ – ୨୦୧୫
- ରାଜୀବ ଗାନ୍ଧୀ ଖେଳରତ୍ନ – ୨୦୧୬
- ପଦ୍ମଭୂଷଣ – ୨୦୨୦



ଗିଫ୍ଟ ଦୋକାନରୁ ବଡ଼ ପରଦା

ଗିଫ୍ଟ ଦୋକାନରେ କାମ କରିବା ଠାରୁ ଆରମ୍ଭ କରି ଅଧାରୁ ପାଠ ଛାଡିବା ଏହି କାହାଣୀ ହେଲା ଷ୍ଟାଣ୍ଡଅପ କମେଡି କିଙ୍ଗ ଭାବେ ପରିଚିତ ମୁନାବର ଫାରୁକିଙ୍କ କାହାଣୀ । ସବୁବେଳେ ଅନ୍ୟକୁ ହସାଉଥିବା ମଣିଷଟିର ଜୀବନରେ ରହିଛି ଅନେକ ଦୁଃଖ ଓ ସଂଘର୍ଷ । ତେବେ ଏହି ସଂଘର୍ଷ ଆଜି ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇବାରେ ସମର୍ଥ ହୋଇଛି ।



ପପୁଲାର କମେଡିଆନ୍ ତଥା 'ବିଗ୍ ବସ୍-୧୭' ବିଜେତା ମୁନବର ଫାରୁକି ପୂର୍ବତନ ଟେନିସ୍ ତାରକା ସାନିଆ ମିର୍ଜାଙ୍କ ପଡ୍‌କାଷ୍ଟରେ ନିଜ ପିଲାଦିନର କଠିନ ସଂଘର୍ଷମୟ ଦିନଗୁଡ଼ିକୁ ମନେ ପକାଇଛନ୍ତି । ଯାହାବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏହା ବର୍ତ୍ତମାନ ଅନେକଙ୍କ ପାଇଁ ପ୍ରେରଣା ପାଲଟିଛି । ସେ କହିଛନ୍ତି ଯେ ମାତ୍ର ୮ ବର୍ଷ ବୟସରେ ସେ କାମ କରିବା ଆରମ୍ଭ କରିଥିଲେ । ଏକ ଛୋଟ ଦୋକାନରେ ବିଭିନ୍ନ ସାମଗ୍ରୀ ବିକ୍ରି କରି ଦୈନିକ ୧୦ରୁ ୨୦ ଟଙ୍କା ରୋଜଗାର କରୁଥିଲେ । ଯାହା ପରେ ୧୧ ବର୍ଷ ବୟସରେ ସେ ଏକ ଗିଫ୍ଟ ସପ୍‌ରେ ପ୍ରାୟ ୨ରୁ ୪ ମାସ କାମ କରିଥିଲେ । ତେବେ ଏକ ବାସନ ଦୋକାନରେ କାମ କରିବା ତାଙ୍କର ପ୍ରଥମ ନିୟମିତ ଚାକିରି ଥିଲା । ପାଠପଢ଼ାରେ ଅତ୍ୟନ୍ତ ମେଧାବୀ ଥିବା ଏବଂ ନିଜ ଶ୍ରେଣୀରେ ସବୁବେଳେ ପ୍ରଥମ ହେଉଥିବା ସତ୍ତ୍ୱେ ଘୋର ଆର୍ଥିକ ଅନଟନ କାରଣରୁ ତାଙ୍କୁ ଷଷ୍ଠ ଶ୍ରେଣୀ ପରେ ଅଧାରୁ ପାଠପଢ଼ା ଛାଡ଼ିବାକୁ ପଡ଼ିଥିଲା ବୋଲି ସେ ଦୁଃଖର ସହ ପ୍ରକାଶ କରିଛନ୍ତି । ତେବେ ସେ ପଢ଼ିବାକୁ ବହୁତ ଚାହୁଁଥିଲେ କିନ୍ତୁ ପରିସ୍ଥିତି ତାଙ୍କୁ ଅନୁମତି ଦେଇନଥିଲା । ତେବେ ଛୋଟବୟସରୁ କାମ କରିବା ଦ୍ୱାରା ତାଙ୍କୁ ଜୀବନରେ ଅନେକ କିଛି ଶିଖିବାକୁ ମିଳିଛି ବୋଲି ସେ ଅନୁଭବ କରୁଛନ୍ତି । ସେହିଭଳି ତାଙ୍କୁ ସର୍ବଦା ବ୍ୟସ୍ତ ରହିବାକୁ ଭଲ ଲାଗେ ଏବଂ ସେ ବିନା ଛୁଟିରେ ପ୍ରତିଦିନ କାମ କରିପାରିବେବୋଲି ମତ ଦେଇଛନ୍ତି । ତାଙ୍କ ମତରେ କଠିନ ପରିଶ୍ରମ କରିବା ଓ ରୋଜଗାର କରିବାରେ ତାଙ୍କୁ କେବେ ବି ଥକ୍କାପଣ ଅନୁଭବ ହୁଏ ନାହିଁ । ଅନ୍ୟମାନେ ତାଙ୍କୁ ବହୁତ ପରିଶ୍ରମୀ ବୋଲି କହୁଥିଲେ ବି ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ସମାନ ଭାବେ ସଂଘର୍ଷ ଓ ପରିଶ୍ରମ କରିଥାନ୍ତି ବୋଲି ସେ ବିଶ୍ୱାସ କରନ୍ତି । ଗୁଜରାଟର ଜୁନାଗଡ଼ରେ ଜନ୍ମଗ୍ରହଣ କରିଥିବା ମୁନବର କିଶୋରାବସ୍ଥାରେ ନିଜ ମାଆଙ୍କ ଦେହାନ୍ତ ପରେ ପରିବାରକୁ ସାହାଯ୍ୟ କରିବା ଏବଂ ନିଜ ଖର୍ଚ୍ଚ ତୁଲାଇବା ପାଇଁ ମୁମ୍ବାଇ ଚାଲିଆସିଥିଲେ । ଯେଉଁଠି ପିଲାଦିନରୁ କମ୍ ଲୋକଙ୍କ ସହ ମିଶୁଥିବା ଏବଂ ଗୁଜରାଟୀ ମାତୃଭାଷା ହୋଇଥିବା କାରଣରୁ ତାଙ୍କୁ ହିନ୍ଦୀ କହିବାରେ ବହୁତ ଅସୁବିଧା ହେଉଥିଲା । ନିଜ ଉଚ୍ଚାରଣକୁ ନେଇ ଲୋକେ ମଜାକ୍ ଉଡ଼ାଇବେ ବୋଲି ତାଙ୍କ ମନରେ ଭୟ ରହୁଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ଲୋକଙ୍କ ସେହି ପରିହାସ ହିଁ ତାଙ୍କୁ ଭଲ ଭାବେ ହିନ୍ଦୀ ଶିଖିବାକୁ ପ୍ରେରିତ କରିଥିଲା । ମୁମ୍ବାଇର ଡୋଙ୍ଗ୍ରି ଅଞ୍ଚଳ ସ୍ଥିତ ନଳ ବଜାରରେ ଥିବା ଏକ ବାସନ ଦୋକାନରେ ଦୀର୍ଘ ବର୍ଷ ଧରି କାମ କରିବା ସହ ସେ ଜଣେ ଗ୍ରାଫିକ୍ ଆର୍ଟିଷ୍ଟ ଭାବେ ମଧ୍ୟ ସେ କାର୍ଯ୍ୟ କରିଥିଲେ । ଏହାପରେ ଧୀରେ ଧୀରେ ଷ୍ଟାଣ୍ଡଅପ୍ କମେଡି ଦୁନିଆରେ ପାଦ ଥାପି ନିଜର କମେଡି ଭିଡିଓ ଓ ୟୁଟ୍ୟୁବ୍ ପରଫରମାନ୍ସ ଜରିଆରେ ଦର୍ଶକଙ୍କ ଅମାପ ଭଲପାଇବା ସାଉଁଟିଥିଲେ । ଏହାପରେ ଆଉ ପଛକୁ ଫେରି ଚାହିନାହାନ୍ତି ମୁନାବର । ସେହି ଯାତ୍ରା ଆଜି ତାଙ୍କୁ ଏହି ସଫଳତା ପ୍ରଦାନ କରିଛି ।